OCTOBER 28, 2026
WEDNESDAY, BHUBANESWAR

ଅକ୍ଟୋବର ୨୮, ୨୦୨୬
ବୁଧବାର, ଭୁବନେଶ୍ୱର

# ଅଖରା
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

VOLUME - 2 ● ISSUE- 52 ବର୍ଷ- ୨ ● ସଂଖ୍ୟା- ୫୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଜନଶୁଣାଣି ମହତ୍ତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୧୦ : ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ 'ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬'ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ବର୍ତ୍ତମାନ ଶାସନ ଆଇଭରି ଟାୱାରରୁ ଚାଲୁନାହିଁ, ବରଂ ସରକାର ସିଧାସଳଖ ଲୋକଙ୍କ ପାଖକୁ ଯାଇ ସେମାନଙ୍କ କଥା ଶୁଣୁଛନ୍ତି । ସେ କହିଥିଲେ ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ, ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି।



- ଦୁର୍ନୀତି ଅଭିଯୋଗରେ ୪୧ ଜଣ ସରକାରୀ କର୍ମଚାରୀ ବହିଷ୍କୃତ
- ୯୧ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବନ୍ଦ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ JAM ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଟେକ୍ନୋଲୋଜିକୁ ବ୍ୟବହାର କରି ମୋଦୀଜୀ ତୃଣମୂଳ ସ୍ତରରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ପୃଷ୍ଠା-୨

## ବରିଷ୍ଠ ଅଧିକାରୀଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# 'ଅର୍ଣ୍ଣବ' ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

### ଭୟଭୀତ ହୁଅନ୍ତୁ ନାହିଁ ପ୍ରଶାସନ ଆପଣଙ୍କ ସାଥୀରେ ଅଛି: ରାଜସ୍ୱ ମନ୍ତ୍ରୀ



- ❖ ଜିରୋ କାଜୁଆଲ୍ଟି' ନୀତି ସହ ୮ଟି ଜିଲ୍ଲାରେ ବ୍ୟାପକ ବ୍ୟବସ୍ଥା
- ❖ ବାତ୍ୟା ମୁକାବିଲା ନେଇ ତୃଣମୂଳସ୍ତରରୁ ପ୍ରସ୍ତୁତି ଜୋରଦାର
- ❖ ଜନସାଧାରଣଙ୍କ ସୁରକ୍ଷା ପାଇଁ ସରକାରଙ୍କ 'ମାଇକ୍ରୋ ମ୍ୟାନେଜମେଣ୍ଟ୍'

ଭୁବନେଶ୍ୱର, ୨୭/୧୦ : ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ଏହାର ପ୍ରଭାବକୁ ସଫଳତାର ସହ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ରାଜୀବ ଭବନସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏସ.ଆର୍.ସି. (SRC) ଏବଂ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାତ୍ୟା ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାର ପ୍ରସ୍ତୁତି ଏବଂ ତୃଣମୂଳସ୍ତରରୁ ମାଇକ୍ରୋ ମ୍ୟାନେଜମେଣ୍ଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ,ବିଶେଷ ଭାବେ ପ୍ରଭାବିତ ହେବା ଥିବା ଆଠଟି ଜିଲ୍ଲାକୁ ୧୯ କୋଟି ଟଙ୍କାର ସହାୟତା ପାଣ୍ଠି ପ୍ରଦାନ କରାଯାଇଥିଲା। ସମସ୍ତ ଆଶ୍ରୟସ୍ଥଳୀକୁ ତୁରନ୍ତ ସୁବ୍ୟବସ୍ଥିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବା ସହ କୌଣସି ବି ପ୍ରତିକୂଳ ପରିସ୍ଥିତିକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ଜନସାଧାରଣ କେବଳ ସରକାରୀ ସୂଚନାକୁ ବିଶ୍ୱାସ କରିବା ସହ ପ୍ରଶାସନକୁ ସହଯୋଗ କରି ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ନିମନ୍ତେ ପରାମର୍ଶ ଦିଆଯାଇଛି । ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର , ନୂଆପଡ଼ା, କଳାହାଣ୍ଡି ଜିଲ୍ଲା ଉପରେ ସତନ୍ତ୍ର ଦୃଷ୍ଟି ଦେଇଛନ୍ତି। ବାତ୍ୟା ସମୟରେ କୌଣସି ପ୍ରକାରେ ଜୀବନହାନି ନଘଟିବା ପାଇଁ ସରକାର 'ଜିରୋ କାଜୁଆଲ୍ଟି' ନୀତି ଗ୍ରହଣ କରିଛନ୍ତି।

ଗଞ୍ଜାମ ଜିଲ୍ଲାରେ ୯ଟି ଓଡ୍ରାଫ୍, ୨ଟି ଏନ୍.ଡି.ଆର୍.ଏଫ୍. ,୨୪ ଟି ଅଗ୍ନିଶମ ,ଗଜପତି ଜିଲ୍ଲାରେ ୬ଟି ଓଡ୍ରାଫ୍, ୧ଟି ଏନ୍.ଡି.ଆର୍.ଏଫ୍. ଏବଂ ୮ଟି ଅଗ୍ନିଶମ, ରାୟଗଡ଼ାରେ ୩ଟି ଓଡ୍ରାଫ୍, ୧ଟି ଏନ୍.ଡି.ଆର୍ ଏ ଫ୍,୧୧ ଟି ଅଗ୍ନିଶମ ,କୋରାପୁଟରେ ୩ଟି ଓଡ୍ରାଫ୍, ୧ଟି ଏନ୍.ଡି.ଆର୍.ଏଫ୍. ଏବଂ ୧୪ଟି ଅଗ୍ନିଶମ ଟିମ୍ କାର୍ଯ୍ୟରତ ଅଛନ୍ତି। ମାଲକାନଗିରି ଜିଲ୍ଲାରେ ୩ଟି ଓଡ୍ରାଫ୍, ୧ଟି ଏନ୍.ଡି.ଆର୍.ଏଫ୍. ଏବଂ ୯ଟି ଅଗ୍ନିଶମ ଟିମ,ନବରଙ୍ଗପୁର ଜିଲ୍ଲାରେ ୩ଟି ଓଡ୍ରାଫ୍ ଏବଂ ୧୨ଟି ଅଗ୍ନିଶମ ଟିମ, ନୂଆପଡ଼ା ଓ କଳାହାଣ୍ଡିରେ ମଧ୍ୟ ଅଗ୍ନିଶମ ଟିମ ମୁତୟନ କରାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରହିବ। ସମସ୍ତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଗୁରୁତ୍ୱପୂର୍ଣ୍ଣ ଅଧିକାରୀମାନଙ୍କର ଛୁଟି ବାତିଲ କରାଯାଇ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି। ଅଧିକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାଗୁଡ଼ିକରେ ବରିଷ୍ଠ IAS ଅଧିକାରୀଙ୍କୁ ମୁତୟନ କରାଯାଇଛି। ସମସ୍ତ ଜିଲ୍ଲାପାଳ ଏବଂ ସମ୍ପୃକ୍ତ ପୃଷ୍ଠା-୨

## ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



- ◆ ଜଳଭଣ୍ଡାରଗୁଡ଼ିକର ସ୍ଥିତି ଉପରେ କଡ଼ା ନଜର
- ◆ ସତର୍କ ରହିବାକୁ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୨୭/୧୦ : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରୁ ହେବାକୁଥିବା ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ବ୍ୟାପକ କରାଯାଇଛି। ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବର୍ଷାର ପୂର୍ବାନୁମାନ, ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ବୈଠକରେ ସମ୍ଭାବ୍ୟ ବର୍ଷାର ପୂର୍ବାନୁମାନ, ଜଳଭଣ୍ଡାରଗୁଡ଼ିକର ସ୍ଥିତି, ଜଳ ପ୍ରବେଶ ଓ ନିଷ୍କାସନ ଏବଂ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବର୍ଷାର ପରିମାଣ, ନଦୀ ଓ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଏବଂ ଜଳ ପ୍ରବେଶ ଓ ନିଷ୍କାସନ ଉପରେ ନିରନ୍ତର ପୃଷ୍ଠା-୨

## ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

# ଜନସାଧାରଣଙ୍କ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର






- ◆ 'ଶୂନ୍ୟ ଜୀବନହାନି' ଉପରେ ଗୁରୁତ୍ୱ
- ◆ ନିଷ୍ଠା ଓ ସଚ୍ଚୋଟତା ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପରାମର୍ଶ

ନବରଙ୍ଗପୁର, ୨୭/୧୦ : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁରର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଡାବୁଗାଁର ବିଧାୟକ ମନୋହର ରନ୍ଧାରୀ, ନିଯୁକ୍ତ ଅଧିକାରୀ ଡ. ମହେଶ୍ୱର ସାଇଁ ଏବଂ ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ବାତ୍ୟାର ସମ୍ଭାବ୍ୟ ପ୍ରଭାବର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ତତ୍ପରତା ଏବଂ ଜନସାଧାରଣଙ୍କ ସୁରକ୍ଷା ସହ ଅତ୍ୟାବଶ୍ୟକ ସେବା ଯୋଗାଣ ସୁନିଶ୍ଚିତ କରିବା ଉପରେ ସେ ଆଲୋକପାତ କରିଥିଲେ। ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିଷ୍ଠା, ସଚ୍ଚୋଟତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ ପୃଷ୍ଠା-୨

## ସହରୀ ବିକାଶ ପାଇଁ ୬୦୦୦ କୋଟିର ମାଷ୍ଟରପ୍ଲାନ୍

- ▲ ରାଜ୍ୟର ଫ୍ଲାଗ୍‌ସିପ୍ ଯୋଜନା 'ଅଙ୍କୁର'ର ହ୍ୟାଣ୍ଡବୁକ୍ ଉନ୍ମୋଚିତ
- ▲ ୧୧ଟି ସହଯୋଗୀ ସଂସ୍ଥାକୁ ନେଇ ଆଗେଇଲା 'ଅଙ୍କୁର'

ଭୁବନେଶ୍ୱର, ୨୭/୧୦ : ଓଡ଼ିଶାରେ ସହରୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ପୌର ସଂସ୍ଥାଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ ନାଗରିକକୈନ୍ଦ୍ରିକ ସେବା ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଫ୍ଲାଗ୍‌ସିପ୍ ପଦକ୍ଷେପ 'ଅଙ୍କୁର' (Atal Network for Knowledge, Urbanisation and Reform)ର ସୂଚନା ସମ୍ବଳିତ ହ୍ୟାଣ୍ଡବୁକ୍ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ସହର ବିକାଶ ପାଇଁ ୬୦୦୦ କୋଟିର ଯୋଜନା ଚଳିତ ବର୍ଷ ଖର୍ଚ୍ଚ ହେବ ୧୧୦୦ କୋଟି ଭୁବନେଶ୍ୱରରେ ଆୟୋଜିତ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍ ୨୦୨୬ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ପୃଷ୍ଠା-୨

## ପ୍ରଶାସନିକ ସ୍ତରରେ ବଡ଼ଧରଣର ଅଦଳବଦଳ

### ଶୁଭମ ସାକ୍ସେନା ହେଲେ ବିଡିଏ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୭/୧୦ : ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ଗତିଶୀଳ ଏବଂ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆଇଏଏସ (IAS) ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏହି ନୂତନ ନିଯୁକ୍ତି ଅନୁସାରେ, ବରିଷ୍ଠ ଆଇଏଏସ ଅଧିକାରୀ ଶୁଭମ ସାକ୍ସେନାଙ୍କୁ ଭୁବନେଶ୍ୱର ବିକାଶ ପ୍ରାଧିକରଣ (BDA)ର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି ।ସେ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଅଛନ୍ତି। ସେହିପରି ଅନ୍ୟମାନଙ୍କର ଯେଉଁ ବଦଳି ହୋଇଛି ତାହା ହେଲା। ଡ ପୁମା ଟୁଡୁ- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶିକା ଏଥିସହିତ ତାଙ୍କୁ କାଜୁ ନିଗମର ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂଗ୍ରାମ କେଶରୀ ମହାପାତ୍ର- ଆରଡିସି ଉତ୍ତର ଡିଭିଜନ ସମ୍ବଲପୁର ସହିତ ପଶ୍ଚିମ ଓଡିଶା ବିକାଶ ପରିଷଦର ପୃଷ୍ଠା-୨







## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ସାରା ଓଡ଼ିଶାର ସରକାରୀ ବାବୁ
ଶପଥ କରିଲେ ଆଜି
ଖାଇବେନି ଜମା ଲାଞ୍ଚ ସେମାନେ
ଫିଙ୍ଗିବେନି ଜମା ମଞ୍ଜି
ଭଦ୍ରଲୋକ ସବୁ ସାଜି
ଲାଞ୍ଚ ଖାଇକି ଶପଥ କଲେ
ଯମ ଖୋଲିବ ପାଞ୍ଜି

## ନକ୍ସଲମୁକ୍ତ ଓଡ଼ିଶାର ନୂଆ ପରିଚୟ

### ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା : ମୁଖ୍ୟମନ୍ତ୍ରୀ



- ଶାନ୍ତି ଓ ସୁରକ୍ଷାର ବାର୍ତ୍ତା ନେଇ ଏକତା ନଗରରେ ଓଡ଼ିଶାର ପ୍ରତିନିଧି

ଭୁବନେଶ୍ୱର, ୨୭/୧୦ : ଭୁବନେଶ୍ୱର ନୂଆ ରେଳ ଷ୍ଟେସନରେ ଏକ ଭାବବିହ୍ୱଳ ଏବଂ ଗର୍ବର ପରିବେଶ ଦେଖିବାକୁ ମିଳିଥିଲା। ଆସନ୍ତା ଅକ୍ଟୋବର ୩୧ ତାରିଖରେ ପାଳନ ହେବାକୁଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା 'ରାଷ୍ଟ୍ରୀୟ ଏକତା ଦିବସ' ଅବସରରେ ଗୁଜରାଟର ଏକତା ନଗରସ୍ଥିତ ପ୍ରସିଦ୍ଧ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସତନ୍ତ୍ର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପୃଷ୍ଠା-୨



ବୁଧବାର ୨୮ ।୧୦ ।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ତୃଣମୂଳସ୍ତରରେ ଦୁର୍ନୀତିକୁ...

ମୂଳପ୍ରାଟନ କରିଛନ୍ତି। ବାଟମାରଣା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏହି ବ୍ୟବସ୍ଥା ଗରିବଙ୍କ ପାଇଁ ଭଗବାନଙ୍କ ବରଦାନ ଠାରୁ କିଛି କମ୍ ନୁହେଁ ବୋଲି ସେ କହିଥିଲେ। ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି, ଇଞ୍ଜେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭିକତାର ସହିତ ଏବଂ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଅଢେଇ ବର୍ଷ ମଧ୍ୟରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇ.ଏ.ଏସ୍, ୮ ଜଣ ମୁଖ୍ୟ ଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଏବଂ ଏସ୍.ଟି.ଏ ର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଏବଂ ଅନେକ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ ଭାବେ ଅନୁଗୋଳ ୟୁନିଟ, ଶ୍ରେଷ୍ଠ ଆଇ.ଓ ଭାବେ ମାଲକାନଗିରି ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଶ୍ରେଷ୍ଠ ମହିଳା ଆଇ.ଓ ଭାବେ ଭୁବନେଶ୍ୱର ଡିଭିଜନର ବୈଭବମାଳା ସାଇଁ ଏବଂ ଶ୍ରେଷ୍ଠପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେସାଲ ଜଜ୍ କୋର୍ଟର ସଲିଲ କୁମାର ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ଲୋକମାନଙ୍କ କଷ୍ଟଲବ୍ଧ ଅର୍ଥରେ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଯେପରି ଧାଡିର ଶେଷରେ ଥିବା ହିତାଧିକାରୀ ଠିକ୍ ଭାବରେ ପାଇପାରିବେ ସେଥିପାଇଁ ସାଧୁତାର ସହ କାର୍ଯ୍ୟ କରିବା ଅପରିହାର୍ଯ୍ୟ। ରାଜ୍ୟ ସରକାର ବହୁ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗରେ ସ୍ୱଚ୍ଛତାର ସହ ସେବା ପ୍ରଦାନ କରୁଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଅତିରିକ୍ତ ନିର୍ଦ୍ଦେଶକ ଅସିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଅର୍ଣ୍ଣବ' ପାଇଁ ପ୍ରଶାସନ...

ବିଭାଗଗୁଡ଼ିକ ସହିତ ଜମି-ସ୍ତରୀୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ପ୍ରସ୍ତୁତି, ଆଶ୍ରୟସ୍ଥଳଗୁଡ଼ିକ ସୁବ୍ୟବସ୍ଥା, ଅତ୍ୟାବଶ୍ୟକ ସାମଗ୍ରୀର ଆଗୁଆ ମହଜୁଦ, ଜନସାଧାରଣଙ୍କ ଜରୁରୀକାଳୀନ ସତର୍କସୂଚନା ଏବଂ ଓଗଡ ବୁଲେଟିନ୍ ଉପରେ କ୍ରମାଗତ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁମାନଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ ରିଲିଫ୍ କେନ୍ଦ୍ର, ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ଏବଂ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ଔଷଧ ସହିତ ଅବିଚ୍ଛିନ୍ନ ବିଦ୍ୟୁତ୍ ସେବା ଏବଂ ଜରୁରୀ ପ୍ରସବ ସେବା ପ୍ରସ୍ତୁତ ରଖିବାକୁ କୁହାଯାଇଛି ପ୍ରଭାବିତ ଅଞ୍ଚଳରେ ପଶୁମାନଙ୍କ ପାଇଁ ପଶୁଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯିବ।

ପ୍ରାପ୍ତ ତଥ୍ୟ ଅନୁଯାୟୀ, ରାଜ୍ୟର ମୋଟ ୮ଟି ଜିଲ୍ଲାରୁ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରୁ ମୋଟ ୪୮,୦୧୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି, । ଏଥିସହିତ ସେମାନଙ୍କ ରହଣି ପାଇଁ ମୋଟ ୪୬୬ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ନବରଙ୍ଗପୁର: ୧୧,୨୭୦ ଜଣ ଲୋକ ଚିହ୍ନଟ, ୧୩୪ଟି ଆଶ୍ରୟସ୍ଥଳୀ ଗଜପତି: ୧୧,୦୦୦ ଜଣ ଲୋକ ଚିହ୍ନଟ, ୧୭୫ଟି ଆଶ୍ରୟସ୍ଥଳୀ ମାଲକାନଗିରି: ୯,୮୫୦ ଜଣ ଲୋକ ଚିହ୍ନଟ, ୩୫ଟି ଆଶ୍ରୟସ୍ଥଳୀ ଗଞ୍ଜାମ: ୬,୫୦୦ ଜଣ ଲୋକ ଚିହ୍ନଟ, ୩୭ଟି ଆଶ୍ରୟସ୍ଥଳୀ କୋରାପୁଟ: ୫,୦୦୦ ଜଣ ଲୋକ ଚିହ୍ନଟ, ୪୭ଟି ଆଶ୍ରୟସ୍ଥଳୀ କଳାହାଣ୍ଡି: ୨,୪୧୫ ଜଣ ଲୋକ ଚିହ୍ନଟ, ୧୪ଟି ଆଶ୍ରୟସ୍ଥଳୀ ନୂଆପଡ଼ା: ୧,୬୭୫ ଜଣ ଲୋକ ଚିହ୍ନଟ, ୧୭ଟି ଆଶ୍ରୟସ୍ଥଳୀ ରାୟଗଡ଼ା: ୩୦୦ ଜଣ ଲୋକ ଚିହ୍ନଟ, ୭ଟି ଆଶ୍ରୟସ୍ଥଳୀ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ପ୍ରଶାସନକୁ ତତ୍ପର ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜନସାଧାରଣଙ୍କୁ ପ୍ରଶାସନର ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରାଯାଇଛି। ଜନସାଧାରଣଙ୍କୁ କୌଣସି ପ୍ରକାର ଗୁଜବ ପ୍ରତିକାନ ନ ଦେଇ ପ୍ରଶାସନର ମାର୍ଗଦର୍ଶନ ଓ ନିର୍ଦ୍ଦେଶକୁ ମାନି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ସମ୍ପୃକ୍ତ ନୋଡାଲ ଅଧିକାରୀ ମାନଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ଏକ WhatsApp ଗ୍ରୁପ୍ କରି ସେଥିରେ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସଂଶ୍ଳିଷ୍ଟ କରାଯାଇଛି।

### ଜଳ ସମ୍ପଦ ବିଭାଗର...

ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା ।ବିଶେଷକରି ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ, କୋଲାବ, ବାଲିମେଳା, ଭଞ୍ଜନଗର, ହରଭଙ୍ଗୀ ଓ ଭାସ୍କେଲ ଭଳି ପ୍ରମୁଖ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଉପରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ବାତ୍ୟାଜନିତ ବର୍ଷାରୁ ଆସିବାକୁ ଥିବା ଅତିରିକ୍ତ ଜଳକୁ ଧାରଣ କରିବା ପାଇଁ ଜଳଭଣ୍ଡାରଗୁଡ଼ିକୁ ସୁରକ୍ଷିତ ସ୍ତରରେ ରଖିବା ଉପରେ ଆଲୋଚନା ହୋଇଥିଲା । ଏଥିସହ ହୀରାକୁଦ ଜଳଭଣ୍ଡାରର ସ୍ଥିତି ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସମ୍ଭାବ୍ୟ ପରିସ୍ଥିତିର ନିୟମିତ ଆକଳନ କରିବା, ନିଜ ନିଜ ଅଞ୍ଚଳରେ ସତର୍କ ରହିବା ଏବଂ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ରକ୍ଷା କରିବା ଏବଂ ଆବଶ୍ୟକ ସୂଚନା ତୁରନ୍ତ ଆଦାନପ୍ରଦାନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ନଦୀବନ୍ଧର ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିୟମିତ ଯାଞ୍ଚ, କ୍ଷେତ୍ରସ୍ତରୀୟ ଦଳଗୁଡ଼ିକୁ ପ୍ରସ୍ତୁତ ରଖିବା ଏବଂ ଜରୁରୀକାଳୀନ ମୁକାବିଲା ପାଇଁ ଆବଶ୍ୟକ ମାନବ ସମ୍ବଳ ଓ ସାମଗ୍ରୀ ଉପଲବ୍ଧ ରଖିବା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ତେଲ ଅବବାହିକା, ଇନ୍ଦ୍ରାବତୀ-କୋଲାବ ଅବବାହିକା, ଆର୍‌ବିଭିଏନ୍, ପୋଟେରୁ ଓ ମହାନଦୀ ଅବବାହିକା ଅନ୍ତର୍ଗତ ସମ୍ପୃକ୍ତ ମୁଖ୍ୟ ଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେଇଥିଲେ।

### ପ୍ରଶାସନିକ ସ୍ତରରେ ବଡ଼ଧରଣର...

ଅଧକ୍ଷ ରହିବେ, ଶୁଭମ ସାକ୍ସେନା- ବିଡିଏ ଉପାଧକ୍ଷ,ଡ ଗଭାଲୀ ପରାଗ ହର୍ସଦ- ଏମଡି ଏନଏଚଏମ, ବିଜୟ ଅମୃତ କୁଲାଙ୍ଗେ- ଆରଡି ବ୍ରହ୍ମପୁର ଚକ୍ରବର୍ତ୍ତି ସିଂ ରାଠୋର- ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ, ପ୍ରଣତୀ ଛୋଟରାୟ- ଏମଡି ଓମଫେଡ, ଶୁଭ୍ର କୁମାର ପଣ୍ଡା- ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରି ନିଗମର ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

### ଜନସାଧାରଣଙ୍କ ସୁରକ୍ଷା ଆମର...

କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହ ଆବଶ୍ୟକ ସେବାର ତ୍ୱରିତ ଯୋଗାଣ ଏବଂ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ ।ରାଜ୍ୟ ସରକାରଙ୍କ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ସଜାଗ ଓ ପ୍ରସ୍ତୁତ ରହିବା ସହ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ବାତ୍ୟା ମୁକାବିଲା ପାଇଁ ସମନ୍ୱିତ ପ୍ରସ୍ତୁତି, ତ୍ୱରିତ ପଦକ୍ଷେପ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଜିଲ୍ଲା ପ୍ରଶାସନ ପ୍ରତିବଦ୍ଧ ରହିଛି।

### ସହରୀ ବିକାଶ ପାଇଁ...

ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ANKURର ୧୧ଟି ସହଯୋଗୀ ସଂସ୍ଥାଗୁଡ଼ିକର ସୂଚନାପୁସ୍ତିକା ଉନ୍ମୋଚିତ ହୋଇଛି । ଅଙ୍କୁର ଅଧୀନରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ଜନାଗ୍ରହ, ଅର୍ବାନ୍ ମ୍ୟାନେଜମେଣ୍ଟ ସେଣ୍ଟର୍, ଇ-ଗଭ୍ ଫାଉଣ୍ଡେସନ୍, ଲାଇଟ୍‌ହାଉସ୍ କମ୍ୟୁନିଟିଜ୍ ଫାଉଣ୍ଡେସନ୍, UN-Habitat, ପ୍ରସ୍ପେରିଟି, ଏୟାର ପଲ୍ୟୁସନ୍ ଆକ୍ସନ୍ ଗ୍ରୁପ୍, ଏୟାରାଓ୍ୱଡ ରିସର୍ଚ୍ଚ ଫାଉଣ୍ଡେସନ୍, ସୋକ୍ରାଟସ୍ ଫାଉଣ୍ଡେସନ୍ ଓ WRI India ସମେତ ୧୧ଟି ସହଯୋଗୀ ସଂସ୍ଥା ସାମିଲ ହୋଇଛନ୍ତି । ଏହି ସଂସ୍ଥାଗୁଡ଼ିକ ସହରୀ ଯୋଜନା, ପୌର ଅର୍ଥନୀତି, ଡିଜିଟାଲ୍ ସେବା, ଜୀବିକା, ପରିମଳ ଓ ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ବୈଷୟିକ ଜ୍ଞାନ ଓ ସହାୟତା ଯୋଗାଇ ଦେଉଛନ୍ତି। ସୂଚନାଯୋଗ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ପରିକଳ୍ପନାରୁ ଆରମ୍ଭ ହୋଇଥିବା ANKURକୁ ରାଜ୍ୟ ସରକାର ୨୮ ମେ ୨୦୨୫ରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ସହ ସମନ୍ୱିତ ଏହି ପଦକ୍ଷେପ ଜ୍ଞାନ, ଗବେଷଣା, ନବସୃଜନ ଓ କାର୍ଯ୍ୟକାରୀ ସହାୟତାକୁ ସରକାରୀ ପ୍ରାଥମିକତା ସହ ଯୋଡ଼ିଛି । ଏହାର ଚାରିଟି ମୁଖ୍ୟ ସ୍ତମ୍ଭ ହେଉଛି ଦକ୍ଷତା ବିକାଶ, ଜ୍ଞାନ ଓ ଗବେଷଣା, କାର୍ଯ୍ୟକାରୀ ସହାୟତା ଏବଂ ନବସୃଜନ ।

### ନକ୍ସଲମୁକ୍ତ ଓଡ଼ିଶାର ନୂଆ...

ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ୍, ଶ୍ରେଷ୍ଠ ଭାରତ୍' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।ଏହି ଅବସରରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପର୍କରେ ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରୁ ମୟୂରଭଞ୍ଜର ବାଦାମପାହାଡ଼ ପର୍ଯ୍ୟନ୍ତ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ନୂତନ ରେଳସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜଏହି ଛୋଟି ଜିଲ୍ଲା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ପଦ୍ମସାହି ଉନ୍ନୟନ ପରିଷଦ ପକ୍ଷରୁ ଭସାଣି ଉତ୍ସବ



ଆଠଗଡ଼, ୨୭/୧୦ (ଅକ୍ଷର ଓଡ଼ିଶା) ଶାରଦୀୟ ଦୁର୍ଗାପୂଜା ଅବସରରେ ପଦ୍ମସାହି ଉନ୍ନୟନ ପରିଷଦ ଗତକାଲି ପାଳନ କରିଥିଲା ଭଷାଣି ଉତ୍ସବ। ଏହି ଭଷାଣି ଉତ୍ସବ ଅବସରରେ ସାହିର ବୟସ୍କ ବ୍ୟକ୍ତି ମାନଙ୍କୁ ପଦ୍ମସାହି ଉନ୍ନୟନ ପରିଷଦର ସଭାପତି ରାଜେନ୍ଦ୍ର ନାରାୟଣ ଦେଓଙ୍କ ଅଧକ୍ଷତାରେ ଏବଂ ପରିଷଦର ସଭ୍ୟ ତଥା ସମାଜସେବୀ ରାମ ନାରାୟଣ ମହାନ୍ତିଙ୍କ ସହାୟତା ଏବଂ ସହଯୋଗରେ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ପଦ୍ମସାହି କ୍ଲବ୍ ନିକଟରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ବୟସ୍କ ବ୍ୟକ୍ତିଙ୍କୁ ଉତ୍ତରୀୟ, ପୁଷ୍ପମାଳ ଦେଇ ସମ୍ବର୍ଦ୍ଧନା ଦେବା ସହିତ ରୁଦ୍ରତାପରୁ ରକ୍ଷା ପାଇବା ପାଇଁ ଛତା ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବା ପରେ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଏହି ଭଳି ପ୍ରୟାସ ଦ୍ୱାରା ସାହିରେ ଭାଇଚାରା ବଜାଇ ରହିବା ସହିତ ଆଠଗଡ଼ ଅଞ୍ଚଳ ପାଇଁ ଉଦାହରଣ ବୋଲି ବୟସ୍କ ମୁରବି ତଥା ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଆଲୋକପାତ କରିଥିଲେ। ବାଡ଼ି ଖେଳ, ଖଣ୍ଡା ଖେଳ ଏବଂ ଷଣ୍ଡ ନାଚରେ ପଦ୍ମସାହି ଉନ୍ନୟନ ପରିଷଦର ଆଠଗଡ଼ ଅଞ୍ଚଳରେ ସତନ୍ତ୍ର ପରିଚୟ ରହିଥିବା ବେଳେ ଏହି ପରମ୍ପରା କଳାକୁ ଜନସାଧାରଣ ଦେଖିବା ପାଇଁ ଆଠଗଡ଼ର ବିଭିନ୍ନ ଅଞ୍ଚଳରୁ ଆସିଥାନ୍ତି ।ପ୍ରଶାସନର ନିୟମ ଅନୁଯାୟୀ ଶାନ୍ତି ଶୃଙ୍ଖଳାର ଭଷାଣି ଉତ୍ସବ ପାଳନ କରିବା ପାଇଁ ପରିଷଦର ସଭ୍ୟ ରାମ ନାରାୟଣ ମହାନ୍ତି ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ ।ପରିଷଦର ଉପସଭାପତି ପ୍ରକାଶ ରାଉତ ମୁରବି ମାନଙ୍କର ଆଶୀର୍ବାଦ ଏବଂ ଉପସ୍ଥିତ ଭିକ୍ଷା କରିବା ସହିତ ପ୍ରତେକ ବର୍ଷ ଏହି ପରମ୍ପରା ବଜାୟ ରଖିବା ପାଇଁ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ପଦ୍ମସାହି ଉନ୍ନୟନ ପରିଷଦର ସଂପାଦକ ଗଗନ କୁମାର ଦାସ, କୋଷାଧକ୍ଷ ଜ୍ଞାନ ପ୍ରକାଶ ଧଳସାମନ୍ତ ସହିତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସାହିର ୫ଅ ଇଲା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅର୍ଣ୍ଣବ ବାତ୍ୟା ଯୋଗୁଁ ଗଜପତିରେ ସମସ୍ତ ପର୍ଯ୍ୟଟନ କେନ୍ଦ୍ର ବନ୍ଦ



ପାରଳାଖେମୁଣ୍ଡି, ୨୭/୧୦(ତାରିଣୀ ପ୍ରସାଦ ପଣ୍ଡା): ଅର୍ଣ୍ଣବ ବାତ୍ୟା ଯୋଗୁଁ ଗଜପତି ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ରହିଥିବା ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଠାରେ ଭୂଷ୍ଖଳନ ଦ୍ୱାରା ମାଟି ଅତଡ଼ା ଓ ପଥର ଖସିବା, ଝରଣାରେ ଜଳପ୍ରବାହ ବୃଦ୍ଧି ଓ ରାସ୍ତା ଅବରୋଧ ଆଶଙ୍କା ଥିବାରୁ ସମସ୍ତ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପ୍ରଶାସନ ପକ୍ଷରୁ ସାଧାରଣଙ୍କ ପ୍ରାଣରକ୍ଷା ଓ ସୁରକ୍ଷା ଦୃଷ୍ଟିରୁ ଆଜି ଠାରୁ ପର୍ଯ୍ୟଟକଙ୍କୁ ପ୍ରବେଶ ପାଇଁ କଟକଣା ଜାରି କରାଯାଇ ଜିଲ୍ଲାର ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଗୁଡିକୁ ବନ୍ଦ କରାଯାଇଛି. ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏନେଇ ଏକ ସତନ୍ତ୍ର ଚିଠି ଦ୍ୱାରା ଜିଲ୍ଲା ଏସପି, ଡିଏଫଓ ଏବଂ ବିଡ଼ିଓମାନଙ୍କୁ ଆଜିଠାରୁ ଆଗାମୀ ଆଦେଶ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଗୁଡିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି. ଏହାଦ

# ୫୩ ନଂ ଜାତୀୟ ରାଜପଥର ମୁକ୍ତାପଶି ଠାରେ ଦୁର୍ଘଟଣା
## ୨ ମୃତ, ଜଣେ ଗୁରୁତର



କା।ମା।କ୍ଷା।ନଗର, ୨୭/୧୦(ସୁମନ୍ତ ଜେନା)କାମାକ୍ଷାନଗର ଥାନା ୫୩ ନଂ ଜାତୀୟ ରାଜପଥର ମୁକ୍ତାପଶି ମେଡିକାଲ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଦୁଇ ମୃତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି କ୍ଷ ମୃତକ ଦୁଇ ଜଣ ପଥରଖମ୍ବ ଗ୍ରାମର ଅର୍ଜିତ ନାୟକ ଓ ଅନିଲ ନାୟକଙ୍କ ହୋଇଥିବା ବେଳେ ସୁମନ୍ତ ନାୟକ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ୩ଜଣ ଯାକ ଭୋର ସମୟରେ ପୂଜା ସାମଗ୍ରୀ ପାଇଁ ଏକ ବାଇକ ଯୋଗେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ପଥରଖମ୍ବ ଗ୍ରାମରେ ଲକ୍ଷ୍ମୀ ପୂଜା ଚାଲିଥିବା ବେଳେ ପୂଜା ସାମଗ୍ରୀ ଆଣିବା ପାଇଁ ତିନି ଜଣ ମୁକ୍ତାପଶି ଆସୁଥିଲେ କ୍ଷ ଏହି ସମୟରେ ୫୩ ନଂ ଜାତୀୟ ରାଜପଥରେ କୌଣସି ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ଅର୍ଜିତ ଓ ଅନିଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ସୁମନ୍ତଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଦୁଇ ଜଣଙ୍କ ମୃତ୍ୟୁରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରୁଛି ।

## ଆଦିବାସୀଙ୍କ ୭ ଦଫା ଦାବି ନେଇ ତହସିଲଦାରଙ୍କୁ ଦାବିପତ୍ର
# ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

କାମାକ୍ଷାନଗର, ୨୭/୧୦(ସୁମନ୍ତ ଜେନା)ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ଆଦିବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଦିବାସୀ ମୁକ୍ତି ସଂଗଠନ ପକ୍ଷରୁ ୭ ଦଫା ଦାବିପତ୍ର ତହସିଲଦାର ସୌଦାମିନୀ ନାୟକଙ୍କୁ ପ୍ରଦାନ କରାଯାଇଛି। ସଂଗଠନର ସମ୍ପାଦକ ପ୍ରତାପ ଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛି ।ଆଦିବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ଅଧିକାର ସମ୍ପର୍କରେ ସରକାର ଆବଶ୍ୟକ ପଦକ୍ଷେପ ନେଉନଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ଏହାର ସଂଶୋଧିତ ନିୟମାବଳୀ-୨୦୧୨କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା, ରାଜ୍ୟରେ ପେସା ଆଇନ-୧୯୯୬ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନ ଓ କାର୍ଯ୍ୟକାରୀ କରିବା ସହ ଗ୍ରାମସଭାଗୁଡ଼ିକୁ ଉପଯୁକ୍ତ କ୍ଷମତା ଓ ଅଧିକାର ପ୍ରଦାନ କରିବା ଆଦି ରହିଛି ।ସେହିପରି ରାଜ୍ୟର ଅଣଅନୁସୂଚିତ ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ବହୁଳ ପଡ଼ା, ଗ୍ରାମ ଓ ବ୍ଲକ ଅଞ୍ଚଳକୁ ଚିହ୍ନଟ କରି ଅନୁସୂଚିତ ଅଞ୍ଚଳ ଭାବେ ଘୋଷଣା କରିବା ସହ ସେଠାରେ ପେସା ଆଇନ ଲାଗୁ କରିବାକୁ ଦାବି କରାଯାଇଛି। ଅନ୍ୟ ଦାବିଗୁଡ଼ିକ ମଧ୍ୟ ଦାବିପତ୍ରରେ ଉଲ୍ଲେଖ



ରହିଛି ।ଏହି କାର୍ଯ୍ୟକ୍ରମରେ ଆଦିବାସୀ ନେତା ସାଲୁଖା ମୁର୍ମୁ, ଶଙ୍କର୍ଷଣ ସାୟା, ମୋହନ ମୁର୍ମୁ, ନରେନ୍ଦ୍ର ହେମ୍ବ୍ରମ, ଚରଣ ବାଗୁ, ଚକ୍ରଧର ମୁଣ୍ଡା, ନରସିଂହ ମାଝୀଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ ।ଆଦିବାସୀଙ୍କ ନ୍ୟାଯ୍ୟ ଦାବି ପ୍ରତି ରାଜ୍ୟ ସରକାର ଦୃଷ୍ଟି ନଦେଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଧାନ ଶସ୍ୟରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି
## ଗଁଦିଆରେ ପ୍ରଥମ ଥର ପାଇଁ ନିଆରା ପୂଜାର୍ଚ୍ଚନା

ଗଁଦିଆ, ୨୭/୧୦(ବେତୁଜୀ ପ୍ରସାଦ): ପାରମ୍ପରିକ ପୂଜାରେ ନୂଆପଣର ଛୁଆଁ। ମାଟି ନୁହେଁ, ବରଂ ଧାନ ଶସ୍ୟରେ ନିର୍ମିତ ହୋଇଛି ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି। ଢେଙ୍କାନାଳ ଜିଲ୍ଲା ଗଁଦିଆ ଏନ୍ଏସି ଅନ୍ତର୍ଗତ ମଉଡମଣୀ ବଜାର-୨ରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏଭଳି ଏକ ନିଆରା ଢଙ୍ଗରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ କରାଯାଇଛି। ସମ୍ପୂର୍ଣ୍ଣ ଧାନ ଶସ୍ୟରେ ନିର୍ମିତ ମା'ଙ୍କ ଏହି ଅଭିନବ ମୂର୍ତ୍ତି ଏବେ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ନିଆରା କଳାକୃତିରେ ମା'ଙ୍କ ଦର୍ଶନ କରିବା ପାଇଁ ସନ୍ଧ୍ୟାଠାରୁ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମୁଛି। ଏହି ଅଭିନବ ପ୍ରୟାସକୁ ଦେଖି ଶ୍ରଦ୍ଧାଳୁ ଓ ଦର୍ଶକମାନେ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କୁ ଉଚ୍ଚ ପ୍ରଶଂସା କରୁଛନ୍ତି ।ପ୍ରକାଶ ଥାଉ କି, ଏହି ପୂଜା ମଣ୍ଡପରେ ପୂର୍ବରୁ ଆକର୍ଷଣୀୟ ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ପ୍ରତିବର୍ଷ କିଛି ନୂଆ ଓ ଆକର୍ଷଣୀୟ କରିବାର ପ୍ରୟାସ ଏଠାରେ ଜାରି ରହିଛି। ଏ ସମ୍ପର୍କରେ ପୂଜା ମଣ୍ଡପର ମୁଖ୍ୟ



କର୍ମକର୍ତ୍ତା ପ୍ରଦୀପ କୁମାର ସାହୁ କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ପ୍ରତିବର୍ଷ ନୂଆ ନୂଆ ଚିନ୍ତାଧାରା ଓ ଅଭିନବ କଳାକୃତି ମାଧ୍ୟମରେ ମା'ଙ୍କ ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପ୍ରୟାସ ଜାରି ରହିବ। ଧାନ ଶସ୍ୟରେ ମା'ଙ୍କ ଅପୂର୍ବ କଳାକୃତି, ଭକ୍ତି ଓ ସୃଜନଶୀଳତାର ଏହି ଅନନ୍ୟ ସମନ୍ୱୟ ଗଁଦିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ମହୁଲପାଳରେ ଧୁମ୍‌ଧାମରେ ଚାଲିଛି ଗଜଲକ୍ଷ୍ମୀ ପୂଜା



କା।ମା।କ୍ଷା।ନଗର, ୨୭/୧୦(ସୁମନ୍ତ ଜେନା)କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ମହୁଲପାଳ ଗ୍ରାମରେ ଧୁମ୍‌ଧାମରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା। ଗ୍ରାମର ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଗ୍ରାମର ୯ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।ଗ୍ରାମର ବୀରଭଦ୍ରପୁର, ମଠସାହି, ଚଷାସାହି, ଶବରସାହି, ହରିଜନସାହି, ଝରାସାହି, ମହାନ୍ତିସାହି, ମଝିସାହି ଓ ତଳସାହିରେ ପୂଜା ମଣ୍ଡପ ସଜ୍ଜିତ ହୋଇଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୯ ଦିନ ଧରି ବିଧିବିଧାନ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ ।ପୂଜା ଅବସରରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇ ଭକ୍ତିପୂର୍ଣ୍ଣ ପରିବେଶରେ କଳସଯାତ୍ରା କରିଥିଲେ। ରାମିଆଳ ନଦୀରୁ ପୂର୍ଣ୍ଣକଳସରେ ଜଳ ଆଣି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ମା'ଙ୍କ ଆବାହନ, ପୂଜାର୍ଚ୍ଚନା ଓ ଚକ୍ଷୁଦାନ ପରେ ବିଧି ଅନୁଯାୟୀ ପୂଜାକାର୍ଯ୍ୟ ଜାରି ରହିଛି। ନାମ ସଂକୀର୍ତ୍ତନରେ ଗ୍ରାମର ପରିବେଶ ଭକ୍ତିମୟ ଓ ଆଧ୍ୟାତ୍ମିକ ହୋଇଉଠିଥିବା ବେଳେ ଆକର୍ଷଣୀୟ ଆଲୋକମାଳା ଓ ସୁନ୍ଦର ତୋରଣରେ ପୂଜା ମଣ୍ଡପଗୁଡ଼ିକ ବେଶ୍ ମନୋରମ ଦେଖାଯାଉଛି। ପୂଜାକୁ ନେଇ ଗ୍ରାମରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି।

# ଗଁଦିଆରେ ହାତୀ ଆତଙ୍କ, ମାସକରେ ୪ ଜଣଙ୍କ ମୃତ୍ୟୁ



ଗଁଦିଆ ୨୭/୧୦(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳରେ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି ଢେଙ୍କାନାଳର ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନବୀନ ନନ୍ଦ। ହାତୀ ଆକ୍ରମଣରେ ଗୋଟିଏ ମାସ ମଧ୍ୟରେ ଚାରି ଜଣଙ୍କ ମୃତ୍ୟୁ ଘଟିଥିବା ଖବରକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ଜନଜୀବନର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବନ୍ୟପ୍ରାଣୀ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ହାତୀ ଉପଦ୍ରବ ଥିବା ଗ୍ରାମଗୁଡ଼ିକରେ ସ୍ୱତନ୍ତ୍ର ବନ ବିଭାଗ ଟିମ୍ ନିୟୋଜନ, ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ଲୋକଙ୍କୁ ଆଗୁଆ ସତର୍କ ସୂଚନା ଦେବା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ଦାବି ଜଣାଇଛନ୍ତି ।ଏଥିସହ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ହାତୀଙ୍କୁ ଚିହ୍ନଟ କରି ବିଶେଷଜ୍ଞଙ୍କ ମୂଲ୍ୟାଙ୍କନ ଓ ଆଇନଗତ ଅନୁମତି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ସହ ସମ୍ଭବ ହେଲେ ସେମାନଙ୍କୁ କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ହାତୀ ପ୍ରବଣ ଗ୍ରାମଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ, ପୋଲିସ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ଦାବି କରିଛନ୍ତି ।ମଣିଷର ଜୀବନ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ମାନବିକ ବ୍ୟବହାରକୁ ଗୁରୁତ୍ୱ ଦେଇ ସରକାର ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଠୋସ୍ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ଆହ୍ୱାନ ଦେଇଛନ୍ତି।

# ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟରେ ସୁରକ୍ଷିତ ବଚପନ ଅଭିଯାନ



ଖଜୁରିଆକଟା ୨୭/୧୦(ନିଳକଣ୍ଠ ଦାସ)ହିନ୍ଦୋଳ ଉପଖଣ୍ଡ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠା ପରିସରରେ (ସୁରକ୍ଷିତ ବଚପନ ଅଭିଯାନ) ପାଳିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଦିକ ପ୍ରଶାନ୍ତ କୁମାର ଜେନାମଣି, ମୁଖ୍ୟ ବକ୍ତା ତଥା ସଚେତକ ପାରା ଲିଗାଲ ସ୍ୱେଚ୍ଛାସେବୀ ଶ୍ରୀକାନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତି ହିନ୍ଦୋଳ ଆୟୋଜନ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁବଳ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ର୍ଷାରାଣୀ ସାହୁ, ଅନିତା ପୃଷ୍ଟି, ଆକାଙ୍କ୍ଷିକା ରାଉତରାୟ, ଶିବାନୀ ସାହୁ, ସାଗରିକା ଭୋଇ, ସ୍ୱର୍ଣ୍ଣଲତା ପାଳ ଶିକ୍ଷକ ରଞ୍ଜିତ ମହାଳିକ, ପ୍ରଦ୍ୟୁଶ କୁମାର ସାହୁ, ସିପୁନ ମହାନ୍ତି, ଶ୍ରୀତମ ପ୍ରଧାନ, ବିକ୍ରମ କେଶରୀ ନାଥ, ସୁଶୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏକ ଶହରୁ ଅଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଶିଶୁ ମାନଙ୍କର ସୁରକ୍ଷା, ଅଧିକାର ଏବଂ ସେମାନଙ୍କୁ ଶୋଷଣ ମୁକ୍ତ କରିବା ପାଇଁ ଜାଗରଣ କରାଯାଇଥିଲା। ପୋକ୍ସୋ ଆକ୍ଟ, ଗୁଡ ଟଚ ଆଣ୍ଡ ବ୍ୟାଡ ଟଚ୍ ଓ ସାଇବର ସୁରକ୍ଷା ଆଦି ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା।

# ସୁଭଦ୍ରା ଦିଦି ଫୁଡ ଷ୍ଟଲ ଉଦ୍‌ଘାଟନ କଲେ ହିନ୍ଦୋଳ ବିଧାୟିକା ସୀମା ରାଣୀ ନାୟକ



ଖଜୁରିଆ କଟା ୨୭/୧୦(ନିଳକଣ୍ଠ ଦାସ)ଓଡାପଡା ବ୍ଲକ ଇନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟରେ, ହିନ୍ଦୋଳ ବିଧାୟିକା ତଥା ଢେଙ୍କାନାଳ ଯୋଜନା ବୋର୍ଡ ଅଧକ୍ଷା ସୀମାରାଣୀ ନାୟକ ସୁଭଦ୍ରା ଶକ୍ତି ଫୁଡ ଷ୍ଟଲକୁ ଫିତା କାଟି ଉଦଘାଟନ କରିଛନ୍ତି । ସୁଭଦ୍ରା ଦିଦି ମାନେ ଅଧିକରୁ ଅଧିକ କାର୍ଯ୍ୟଦକ୍ଷ ହୁଅନ୍ତୁ ଏବଂ ସ୍ୱାବଲମ୍ବୀ ହୋଇ ପରିବାର ସୁଖ ଶାନ୍ତିରେ କାଟନ୍ତୁ ବୋଲି ଜଗନ୍ନାଥ ଙ୍କ ପାଖରେ ପ୍ରାର୍ଥନା କରିଥିଲେ । ହାତ ପ୍ରସ୍ତୁତି ଜିନିଷ ଅଧିକ କରି ବ୍ୟବସାୟକୁ ବଢ଼ାଇ ପାରିଲେ, ଅର୍ଥ ସାହାର୍ଯ୍ୟ ପାଇଁ ସରକାର ଅଛନ୍ତି ବୋଲି ପ୍ରତିଶୃତି ଦେଇଥିଲେ,ଏବଂ ମହିଳା ମାନଙ୍କୁ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ ଯେ ମହିଳାମାନେ ପରିବାର କଥା ବୁଝି ପରିବାର ଅର୍ଥ ଉପାର୍ଜନ କ୍ଷେତ୍ରରେ ସହାୟକ ହୋଇଥିବାରୁ । ଏଥିମଧ୍ୟରେ ମଞ୍ଚାସୀନ ଅତିଥି ଥଲେ ଓଡାପଡା ବିଡ଼ିଓ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଡିପିଏମ ସତ୍ୟଭାମା ପ୍ରଧାନ,ଜିଲ୍ଲା ବିଜେପି ଏସି ମୋର୍ଚ୍ଚା ସଭାପତି ସନ୍ତୋଷ ନାଏକ, ଉପସଭାପତି ସହଦ୍ୱେ ପୃଷ୍ଟି,ବିପିଏମ ପୁର୍ଣିମା ପାତ୍ର,ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ଗୁଣ୍ଡିଚାପଡା ଘଟିପିର ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ଜେନା ଏବଂ ସଭାରେ ଉପସ୍ଥିତ ଥିଲେ ବିପିସିଏଲ,ଏମ୍ୟିକେ,ସିଆରପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଓ ଗ୍ରାମବାସୀବୃନ୍ଦ ।

# ହିନ୍ଦୋଳରେ ଜିଲ୍ଲାପାଳଙ୍କ ଜନଶୁଣାଣ



ଖଜୁରିଆକଟା -୨୭/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଆଜି ହିନ୍ଦୋଳ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ହିନ୍ଦୋଳ ବ୍ଲକ ବିଜୁ ସଭାଗୃହ ଠାରେ ଆଜି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୭୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ୫୨ଟି ବ୍ୟକ୍ତିଗତ, ୧୦ଟି ସାମୁହିକ ଗ୍ରାମୀଣ,୧୩ଟି ରେଡ଼କ୍ରସ ସହାୟତା ଅଭିଯୋଗ ଥିଲା। ତେବେ ୧୭ଟି ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିବାବେଳେ ଅନ୍ୟସବୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ସୂତ୍ରରୁ ପ୍ରକାଶ।

# ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ



ଖଜୁରିଆ କଟା ୨୭/୧୦(ନିଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍,ବିଡୋ ପଂଚାୟତ ଅନ୍ତର୍ଗତ ଉପରପାଳ ଠାରେ ବିଶ୍ୱ ଯୁବ କେନ୍ଦ୍ର, ଜଷ୍ଟ ରାଇଟ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ତରଫରୁ ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଉକ୍ତ ବୈଠକରେ ଅଙ୍ଗୱାର୍ଡ କର୍ମୀ ଆଶା ,ସ୍ୱୟଂ ସହାୟକ ଗୋଷ୍ଠୀ,ଏବଂ କମିଟି ର ସଦସ୍ୟ,ସଦସ୍ୟା ଉପସ୍ଥିତ ଥିଲେ। କର୍ଯ୍ୟକ୍ରମ ରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ବିଶ୍ୱ ଯୁବ କେନ୍ଦ୍ରରପ୍ରକଳ୍ପ ସହୟିକା କୁମୁଦିନୀ ସ୍ୱାଇଁ କ୍ଷମନସ୍ୱିତା ନାୟକ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା ବାଲ୍ୟ ବିବାହ ପାଇଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ, ତଥା ଆର୍ଥିକ ଚାପ ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାମାଜିକ କୁପରିଣାମ ବାଲ୍ୟ ବିବାହ କ୍ଷେତ୍ରରେ ଆୟୋଜିନକ ।ରି, ଯୋଗ ଦେଇଥିବା ଅତିଥି, ବିଭିନ୍ନ ସହଯୋଗୀ ଙ୍କୁ ଦଣ୍ଡ ବିଧାନ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ବାଲ୍ୟ ବିବାହ ରୋକିବା ସହ ଶିଶୁ ମାନଙ୍କୁ ଶିକ୍ଷା ର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ନାମ ଲେଖାଇବା ଓ ସଚେତନତା ଅଭିଯାନ ରେ ଆୟୋଜନ କରାଯାଇଛି। ବିଦ୍ୟାଳୟରୁ ବାହାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମଲେଖା ଓ ନିୟମିତ ଉପସ୍ଥାନ ନିଶ୍ଚିନ୍ତ କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର, ଶିକ୍ଷକ ଓ ଅଭିଭାବକଙ୍କ ସହିଯୋଗ ନିଆଯାଉଛ ।ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ମାନଙ୍କ ଉପରେ ହେଉଥିବା ଯୌନ ନର୍ଯାତନା ଉପରେ ଆଲୋଚନା କରାଯାଇଥିଲା। ସର୍ବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରଗଲା।

# ଆଲୋକରେ ଝଲସୁଛି ଇନ୍ଦିପୁର ୨୪ ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ



ଢେଙ୍କାନାଳ , ୨୭/୧୦ (ବିଜ୍ଞାନ ମହାନ୍ତି )ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡମ୍ବରରେ ପାଳିତ ହେଉଛି। କୁମାର ପୂର୍ଣିମା ଦିନ ଜୀବନ୍ୟାସ ଦେଇ ମା'ଙ୍କୁ ଧରାପୃଷ୍ଠକୁ ଅବତରଣ କରିଥିଲେ। ଗ୍ରାମରେ ମୋଟ ୨୪ଟି ମଣ୍ଡପରେ ମା' ଧନଦାତ୍ରୀ ପୂଜା ପାଉଛନ୍ତି। ଏହି ପୂଜା ୯ ଦିନ ଧରି ଚାଲିଥିବାରୁ ପ୍ରତ୍ୟେକ ଘରେ ବନ୍ଧୁ-ବାନ୍ଧବଙ୍କ ଭିଡ ଲାଗି ରହିଛି। ଆଲୋକମାଳାରେ ସଜ୍ଜିତ ହୋଇ ଇନ୍ଦିପୁର ଏବେ 'ଇନ୍ଦ୍ରପୁର' ପାଲଟିଛି। ମା'ଙ୍କ ମେଳାଣି ବିସର୍ଜନ ନଭେମ୍ବର ୩ ତାରିଖ ମଙ୍ଗଳବାର ଦିନ ହେବ ବୋଲି ସ୍ଥିର କରାଯାଇଛି। ପୂଜା ଅବସରରେ ଗ୍ରାମରେ ଦୋଳି, ମିକି ମାଉସ, ପାଣି ବୋଟ, ମିନାବଜାର, ଫାଷ୍ଟଫୁଡ ଷ୍ଟଲ ଆଦି ଲାଗିଛି। ଶ୍ରଦ୍ଧାଳୁମାନେ ପୂଜା ମଜା ନେବା ସହ ମିନାବଜାରରୁ ଜିନିଷ କିଣି ଘରକୁ ନେଉଛନ୍ତି। ଗୁଣ୍ଡିଚାପଡା, କାଣ୍ଡବିନ୍ଧା, ବଳରାମପୁରରୁ ଯାତ୍ରା ଦେଖିବାକୁ ଆସିଥିବା ଦର୍ଶକମାନେ ଲୁଣିବନ୍ଧ ଦାଣ୍ଡସାହି, କଲେଜ ଛକ, ହା




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# କୃଷି ମିଶନ, ପରିବର୍ତ୍ତନ ଆଣୁଛି ଏଆଇ

ଡିଜିଟାଲ କୃଷି ମିଶନ ଅଧୀନରେ ୨୩.୫ କୋଟି ଫସଲ ଜମି ସର୍ବେକ୍ଷଣ ଏବଂ ୭.୬୩ ଚାଷୀ ଆଇଡି ପ୍ରସ୍ତୁତି ସହ କୃଷି କ୍ଷେତ୍ର ପାଇଁ ବିଶାଳ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଛି ଭାରତ ଜାତୀୟ ଟିକା ସର୍ବେକ୍ଷଣ ପ୍ରଣାଳୀରେ ୬୬ଟି ଫସଲର ସୁରକ୍ଷା ଓ ୪୩୨ ପ୍ରକାର କୀଟ ଚିହ୍ନଟରେ ମିଳିଛି ସହାୟତାଙ୍କ ୧୦ ହଜାରରୁ ଅଧିକ ସମ୍ପ୍ରସାରଣ କର୍ମୀଙ୍କୁ ବାସ୍ତବ ସମୟ ମାର୍ଗଦର୍ଶିକା ଯୋଗାଇଦେବାରେ ମିଳୁଛି ସହାୟତା ଡିସେମ୍ବର ୨୦୨୫ ସୁଦ୍ଧା କିଷାନ ଇ-ମିତ୍ର ଚାଟବୋଟରେ ୯୩ ଲକ୍ଷରୁ ଅଧିକ ପ୍ରଶ୍ନର ମିଳିଛି ଉତ୍ତର, ଦୈନିକ ୧୧ଟି ଆଞ୍ଚଳିକ ଭାଷାରେ ୮ହଜାର ଚାଷୀଙ୍କ ପ୍ରଶ୍ନର କରୁଛି ସମାଧାନ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଲାଗି ଏଆଇ ଆଧାରିତ ପ୍ରଣାଳୀ ଖରିଫ୍ ୨୦୨୫ରେ ଏସଏମଏସ ଜରିଆରେ ୩.୮୮ କୋଟି ଚାଷୀଙ୍କୁ ସୂଚନା ପ୍ରଦାନ କରିଛି ପିଏମଏଫବିୱାଇ ଅନ୍ତର୍ଗତ ଫସଲ ବୀମାକୁ କୃଷକମାନଙ୍କ ପାଇଁ ଅଧିକ ଅଭିନବ, ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ କରିବା ଲାଗି ଏଆଇ-ସକ୍ଷମ ଉପକରଣଗୁଡ଼ିକର ଉପଯୋଗ କରୁଛନ୍ତି ୟେସଟେକ୍, କ୍ରପିକ୍, ଏବଂ ପିଏମଏଫବିୱାଇ ହ୍ୱାଟ୍‌ସଆପ ଚାଟବୋଟ୍ କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ଏଗ୍ରିଷ୍ଟାକ୍ ପୋର୍ଟାଲ୍ ଏବଂ ଆଇସିଏଆର ପ୍ୟାକେଜକୁ ଏଆଇ ପ୍ରଣାଳୀ ସହିତ ସଂଯୁକ୍ତ କରିବା ପାଇଁ ଏକ ବହୁଭାଷୀ ଏଆଇ ଉପକରଣ ଭାରତ ବିସ୍ତାରର ଦିଆଯାଇଛି ପ୍ରସ୍ତାବ।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ପାଲଟିଛି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବିଶ୍ୱବ୍ୟାପୀ ଏଆଇ ପ୍ରତିଯୋଗିତା ମାନ୍ୟତା ଅନୁଯାୟୀ ଏଆଇ ପ୍ରତିଯୋଗିତା ମାନ୍ୟତାରେ ଭାରତ ତୃତୀୟସ୍ଥାନରେ ରହିଛି। ନିକଟରେ ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା ଏବଂ ଏଆଇ କ୍ଷମତାର ସମାନତାପୂର୍ଣ୍ଣ ଏବଂ ସୁଲଭ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ଆଲୋକପାତ କରାଯାଇଛି। ଭାରତର ପ୍ରଶାସନିକ ସୁଧାର, ସେବା ବିତରଣ ଏବଂ ଦୀର୍ଘସ୍ଥାୟୀ ବିକାଶ ଲାଗି ଏଆଇର ମାନବ କୈନ୍ଦ୍ରିକ ଏବଂ ନୈତିକ ବ୍ୟବହାର ଲାଗି ସବୁବେଳେ ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିଛି। ଭାରତର କୃଷି କ୍ଷେତ୍ରରେ ଚାଷୀଙ୍କୁ ସହାୟତା ଯୋଗାଇ ଦେବା, ନିଷ୍ପତ୍ତି ପ୍ରକ୍ରିୟାକୁ ସୁଦୃ ? କରିବା ଏବଂ ଉତ୍ପାଦକତା ବ ?ାଇବା ଲାଗି ଏଆଇର ବର୍ଦ୍ଧିତ ଉପଯୋଗ କରାଯାଉଛି।

ଉପଗ୍ରହ ଚିତ୍ର, ଡ୍ରୋନ ଆଧାରିତ ନିରୀକ୍ଷଣ ଏବଂ କୃଷି ସ୍ତରୀୟ ଫଟୋକୁ ବ୍ୟବହାର କରି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଏଆଇର ଉପଯୋଗ କରାଯାଉଛି। ଏହା ପ୍ରୟୋଗଶାଳାରେ ମାଟି ପରୀକ୍ଷାର ଆବଶ୍ୟକତାକୁ ଦୂର କରୁଛି। ଏଆଇ ମଧ୍ୟ ବୃଷ୍ଟିପାତ ସ୍ଥିତି, ତାପମାତ୍ରା ପରିବର୍ତ୍ତନ ଏବଂ ଖରାପ ପାଣିପାଗ ପୂର୍ବାନୁମାନ ଲାଗି ପାଣିପାଗ ଏବଂ ଜଳବାୟୁ ତଥ୍ୟର ବିଶ୍ଳେଷଣରେ ସହାୟକ ହେଉଛି। ଏହା ମଧ୍ୟ କୀଟ ଏବଂ ଫସଲ ରୋଗ ଚିହ୍ନଟ କରିବା ଲାଗି ଉପଗ୍ରହ ଚିତ୍ର, ଡ୍ରୋନ, ସେନ୍‌ସର ଏବଂ ଅନ୍ୟ ଫଟୋଗୁ ?କୁ ବିଶ୍ଳେଷଣ କରୁଛି। ଏଆଇ ଆଧାରିତ ଚିତ୍ର ବର୍ଗୀକରଣ ଏବଂ ମସିନ ଲର୍ଣ୍ଣିଂ ଉପକରଣ ଡ୍ରୋନ, ରିମୋଟ୍ ସେନ୍‌ସିଂ ଓ ସ୍ଥାନୀୟ ସେନ୍‌ସର ଡାଟା ଉପଯୋଗ କରି କୃଷି ଯନ୍ତ୍ରାଂଶର ଦକ୍ଷ ଉପଯୋଗ କରାଯାଇପାରୁଛି। ସେହିପରି ଏଆଇ ଚାହିଦା-ଯୋଗାଣ ପୂର୍ବାନୁମାନ, ବଜାର ଗୁଇନ୍ଦା ଏବଂ କୃଷି ମୂଲ୍ୟ ଶୃଙ୍ଖଳରେ ସମନ୍ୱୟକୁ ସୁଦୃ ? କରିଛି। ଏହାଫଳରେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ମିଳିପାରୁଛି। ଇନାମ, ଆଗମାର୍କେଟ, କୃଷି ଉପକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କାର୍ଯ୍ୟକ୍ରମ ଭଳି ପ୍ଲାଟଫର୍ମରେ ଦର ବିଶ୍ଳେଷଣ ଏବଂ ପୂର୍ବାନୁମାନରେ ଏଆଇ ସହାୟକ ହୋଇଛି। ଏହାଦ୍ୱାରା ୧୨ଟି ରାଜ୍ୟରେ ୧୮ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ଏଆଇ ମଧ୍ୟ ପାଣି, ସାର ଓ କୀଟନାଶକକୁ ଉପଯୁକ୍ତ ପରିମାଣରେ ପ୍ରୟୋଗ କରିବାରେ ଚାଷୀଙ୍କୁ ସହାୟକ ହେଉଛି। ଏହାଦ୍ୱାରା ଉତ୍ପାଦକତା ବୃଦ୍ଧି ପାଇବା ସହିତ ଜଳ ଏବଂ ଇନ୍ଧନ ସଞ୍ଚୟରେ ସହାୟତା ମିଳୁଛି। ସେହିପରି ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ ପାଇଛି। ସରକାର ନୀତିଗତ ହସ୍ତକ୍ଷେପରେ ଏଆଇର ସଦୁପଯୋଗ କରୁଛନ୍ତି। କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ଏଗ୍ରିଷ୍ଟାକ୍ ପୋର୍ଟାଲ୍ ଏବଂ ଆଇସିଏଆର ପ୍ୟାକେଜକୁ ଏଆଇ ପ୍ରଣାଳୀ ସହିତ ସଂଯୁକ୍ତ କରିବା ପାଇଁ ଏକ ବହୁଭାଷୀ ଏଆଇ ଉପକରଣ ଭାରତ ବିସ୍ତାରର ଶୁଭାରମ୍ଭ କରାଯାଇଛି। ଏହା ପରାମର୍ଶ ସେବା ଯୋଗାଇ ଦେଇ ଫସଲ ଉତ୍ପାଦକତା ବ ?ାଇବା ସହ ଚାଷୀଙ୍କୁ ଉନ୍ନତ ନିଷ୍ପତ୍ତି ଗ୍ରହଣ ଏବଂ ବିପଦ ହ୍ରାସରେ ସହାୟକ ହୋଇପାରିବ। ଡିସେମ୍ବର ୨୦୨୫ ସୁଦ୍ଧା ଏଆଇ ଆଧାରିତ କିଷାନ ଇ-ମିତ୍ର ଚାଟବୋଟରେ ୯୩ ଲକ୍ଷରୁ ଅଧିକ ପ୍ରଶ୍ନର ଉତ୍ତର ମିଳିଛି। ଦୈନିକ ୧୧ଟି ଆଞ୍ଚଳିକ ଭାଷାରେ ୮ହଜାର ଚାଷୀଙ୍କ ପ୍ରଶ୍ନର ସମାଧାନ ହୋଇଛି।

ଜାତୀୟ କୀଟ ନିରୀକ୍ଷଣ ପ୍ରଣାଳୀ ଏଆଇ ଏବଂ ମସିନ ଲର୍ଣ୍ଣିଂର ଉପଯୋଗ କରୁଛି। ଏହାଦ୍ୱାରା ୪୩୨ଟି କୀଟ ପ୍ରଜାତିକୁ ଚିହ୍ନଟ କରାଯାଇଛି ଏବଂ ୬୬ ପ୍ରକାର ଫସଲ ସୁରକ୍ଷା ହୋଇପାରିଛି। ଫଳରେ ୧୦ ହଜାରରୁ ଅଧିକ ସମ୍ପ୍ରସାରଣ କର୍ମୀଙ୍କୁ ସହାୟତା ମିଳିଛି। ୧୩ଟି ରାଜ୍ୟର କିଛି ଅଂଶରେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଖରିଫ ୨୦୨୫ ସମୟରେ ଏକ ଏଟିଆଇ-ଆଧାରିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ସ୍ଥାନୀୟ ମୌସୁମୀ ଆଗମନକୁ ଧ୍ୟାନ ଦେଇ ସର୍ବୋତ୍ତମ ବିହନ ନିଷ୍ପତ୍ତି ନେବା ପାଇଁ, ସମ୍ଭାବ୍ୟ ପୂର୍ବାନୁମାନ ଏମକିଷାନ ପୋର୍ଟାଲ୍ ମାଧ୍ୟମରେ ଏସଏମଏସ ଜରିଆରେ ୧୩ଟି ରାଜ୍ୟର ପାଞ୍ଚଟି ଆଞ୍ଚଳିକ ଭାଷାରେ ୩.୮୮ କୋଟିରୁ ଅଧିକ ଚାଷୀଙ୍କୁ ଏହାର ଲାଭ ମିଳିଥିଲା।

# ମାନବତାବାଦୀ କବି ଗୋପବନ୍ଧୁ

ଗୋପବନ୍ଧୁ ଦାସ ଓଡ଼ିଶାର ଜଣେ ମହାନ କବି, ସାହିତ୍ୟିକ, ସମାଜସେବୀ, ସାମ୍ବାଦିକ ଏବଂ ସାଧୀନତା ସଂଗ୍ରାମୀ ଥିଲେ। ସେ କେବଳ ରାଜନୀତି କିମ୍ବା ସମାଜସେବାରେ ନୁହେଁ, ଓଡ଼ିଆ ସାହିତ୍ୟରେ ମଧ୍ୟ ଅମୂଲ୍ୟ ଅବଦାନ ରଖିଥିଲେ। ତାଙ୍କ କବିତାଗୁଡ଼ିକରେ ଦେଶପ୍ରେମ, ମାନବତା, ତ୍ୟାଗ, ସେବା, ଆଧ୍ୟାତ୍ମିକତା ଏବଂ ସମାଜ ସଂସ୍କାରର ଭାବନା ପ୍ରକାଶ ପାଇଛି। ସେ ଜନସାଧାରଣଙ୍କ ଦୁଃଖ, ଦାରିଦ୍ର୍ୟ ଓ ଅସହାୟତାକୁ ନିକଟରୁ ଦେଖିଥିଲେ ଏବଂ ସେହି ଅନୁଭୂତି ତାଙ୍କ କବିତାରେ ପ୍ରତିଫଳିତ ହୋଇଛି। ସେ କେବଳ କବି ନୁହେଁ, ଜଣେ ସମାଜସେବୀ, ଦେଶପ୍ରେମୀ ଓ ମାନବତାବାଦୀ ଥିଲେ। ତେଣୁ ତାଙ୍କ କବିତାରେ ଜୀବନ ଓ ଆଦର୍ଶର ଛାପ ଦେଖିବାକୁ ମିଳେ।

ଗୋପବନ୍ଧୁଙ୍କ କବିତାର ପ୍ରମୁଖ ସ୍ୱର ହେଉଛି ଦେଶପ୍ରେମ। ସେ ଦେଶ ପାଇଁ ତ୍ୟାଗ, ବଳିଦାନ ଓ ସେବାର ବାର୍ତ୍ତା ଦେଇଛନ୍ତି।ତାଙ୍କ କବିତାରେ ମଣିଷର ଦୁଃଖ, ଦାରିଦ୍ର୍ୟ ଓ କଷ୍ଟ ପ୍ରତି ଗଭୀର ସହାନୁଭୂତି ରହିଛି। ସେ ମାନବସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମାନୁଥିଲେ। ଅନ୍ଧବିଶ୍ୱାସ, କୁସଂସ୍କାର, ଅଶିକ୍ଷା ଓ ସାମାଜିକ ଅନ୍ୟାୟ ବିରୋଧରେ ସେ କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି। ତାଙ୍କ କବିତାରେ ଶିକ୍ଷାକୁ ଜାତିର ଉନ୍ନତିର ମୂଳ ଆଧାର ବୋଲି ଦର୍ଶାଯାଇଛି।ଧର୍ମ, ସତ୍ୟ, ତ୍ୟାଗ, ନିଷ୍ଠା ଓ ନୈତିକ ମୂଲ୍ୟବୋଧ ତାଙ୍କ କବିତାରେ ପ୍ରମୁଖ ସ୍ଥାନ ପାଇଛି। ଗୋ-ମାହାତ୍ମ୍ୟ ପରି କାବ୍ୟରେ ଗ୍ରାମୀଣ ଅର୍ଥନୀତି, କୃଷି ଓ ଗୋପାଳନର ଗୁରୁତ୍ୱ ପ୍ରକାଶ ପାଇଛି। କାରା କବିତା ପରି ରଚନାରେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଦେଶ ଓ ସମାଜ ପାଇଁ ଜୀବନ ଉତ୍ସର୍ଗ କରିବାର ଆଦର୍ଶ ଦେଖାଯାଏ। ଗୋପବନ୍ଧୁ ଦାସଙ୍କ କବିତାରେ ଦେଶପ୍ରେମ, ମାନବତା, ସମାଜସେବା, ଶିକ୍ଷା, ନୈତିକତା, ତ୍ୟାଗ ଓ ଲୋକକଲ୍ୟାଣର ଭାବନା ପ୍ରତିଫଳିତ ହୋଇଛି। ତାଙ୍କ କବିତା କେବଳ ସାହିତ୍ୟ ନୁହେଁ, ଏକ ଆଦର୍ଶ ଜୀବନର ପଥପ୍ରଦର୍ଶକ ଭାବେ ମଧ୍ୟ ପରିଗଣିତ।

‘‘ଅବକାଶ ଚିନ୍ତା’’ ଗୋପବନ୍ଧୁଙ୍କ ଏକ ଚିନ୍ତନଶୀଳ କବିତା। ଏହି କବିତାରେ କବି ନିଜ ଜୀବନ, ସମାଜ ଏବଂ ଦେଶର ଅବସ୍ଥା ସମ୍ପର୍କରେ ଗଭୀର ଭାବନା ପ୍ରକାଶ କରିଛନ୍ତି।କବି ମନେ କରନ୍ତି ଯେ ମଣିଷ ଜୀବନ କେବଳ ଭୋଗବିଳାସ ପାଇଁ ନୁହେଁ। ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ସମାଜ ଓ ଦେଶର କଲ୍ୟାଣ। ମଣିଷ ନିଜର ସମୟକୁ ସଦୁପଯୋଗ କରିବା ଉଚିତ ଏବଂ ଅନ୍ୟମାନଙ୍କ ଉପକାର ପାଇଁ କାର୍ଯ୍ୟ କରିବା ଉଚିତ।ଏହି କବିତାର ମୁଖ୍ୟ ବାର୍ତ୍ତା ହେଉଛି ଆତ୍ମସମୀକ୍ଷା ଏବଂ ଜୀବନର ସଦୁପଯୋଗ।

‘ବନ୍ଦୀର ଆତ୍ମକଥା’ ଗୋପବନ୍ଧୁଙ୍କର ସବୁଠାରୁ ଲୋକପ୍ରିୟ କବିତାମାନଙ୍କ ମଧ୍ୟରୁ ଗୋଟିଏ। ଏଥିରେ ଜଣେ ବନ୍ଦୀର ଜୀବନ କାହାଣୀ ବର୍ଣ୍ଣିତ ହୋଇଛି। ବନ୍ଦୀ କାରାଗାର ଭିତରେ ରହି ସାଧୀନତାର ମୂଲ୍ୟ ବୁଝିପାରେ। ସେ ନିଜ ଭୁଲ ପାଇଁ ଅନୁତାପ କରେ ଏବଂ ମୁକ୍ତ ଜୀବନ ପାଇଁ ଆକାଂକ୍ଷା କରେ। କବି ଏହି ବନ୍ଦୀର ମାଧ୍ୟମରେ ସାଧୀନତାର ଗୁରୁତ୍ୱ ଏବଂ ମାନବ ଜୀବନର ମୂଲ୍ୟକୁ ଉପସ୍ଥାପନ କରିଛନ୍ତି।

ଏହି କବିତା ଆମକୁ ଶିଖାଏ ଯେ ସାଧୀନତା ମଣିଷର ସବୁଠାରୁ ବଡ଼ ସମ୍ପଦ। ‘‘ରେଳ ଉପରେ’’ କବିତାରେ କବି ରେଳଯାତ୍ରା ସମୟରେ ଦେଖିଥିବା ବିଭିନ୍ନ ଦୃଶ୍ୟ ଏବଂ ସାମାଜିକ ଅବସ୍ଥାର ବର୍ଣ୍ଣନା କରିଛନ୍ତି। ଯାତ୍ରା ସମୟରେ ସେ ଗରିବ, ଧନୀ, ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ଜୀବନକୁ ଦେଖନ୍ତି। ସମାଜରେ ଥିବା ଅସମାନତା, ଦାରିଦ୍ର୍ୟ ଓ ଅନ୍ୟାୟ ପ୍ରତି ସେ ଚିନ୍ତା ପ୍ରକାଶ କରନ୍ତି।ଏହି କବିତା ମାଧ୍ୟମରେ ସେ ସମାଜରେ ସମାନତା ଏବଂ ମାନବିକତା ସ୍ଥାପନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ‘‘ଗୋ-ମାହାତ୍ମ୍ୟ’’ କବିତାରେ ଗୋମାତାର ମହତ୍ତ୍ୱ ବର୍ଣ୍ଣିତ ହୋଇଛି। ଗୋପବନ୍ଧୁ ଗାଈକୁ ଭାରତୀୟ କୃଷି, ଅର୍ଥନୀତି ଏବଂ ସଂସ୍କୃତିର ଏକ ମୁଖ୍ୟ ଆଧାର ଭାବେ ଦେଖିଥିଲେ। ଗାଈ ମଣିଷକୁ କ୍ଷୀର, ଗୋବର, ଗୋମୂତ୍ର ଓ କୃଷିକାର୍ଯ୍ୟରେ ସହାୟତାଯୋଗାଇଥାଏ।କବି ଗୋସେବା ଓ ଗୋରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଏହି କବିତା ଭାରତୀୟ ଗ୍ରାମୀଣ ଜୀବନ ସହ ଜଡ଼ିତ।

‘‘ଧର୍ମପଦ’’ କବିତା ଓଡ଼ିଶାର ଗୌରବମୟ ଇତିହାସ ସହ ଜଡିତ। କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ ସମୟରେ ଜଣେ ବାଳକ ଧର୍ମପଦ ନିଜ ବୁଦ୍ଧି ଓ କୌଶଳ ଦ୍ୱାରା ମନ୍ଦିରର ଶେଷ କାମ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ କାରିଗରମାନଙ୍କୁ ବଞ୍ଚାଇବା ପାଇଁ ସେ ନିଜ ଜୀବନ ବଳିଦାନ ଦେଇଥିଲେ।ଏହି କବିତାରେ ତ୍ୟାଗ, ବୀରତ୍ୱ, କର୍ତ୍ତବ୍ୟନିଷ୍ଠା ଓ ଦେଶପ୍ରେମର ଭାବନା ପ୍ରକାଶ ପାଇଛି।ୟ




**ସାଗତିକା ସାହୁ**
ଅଧ୍ୟାପିକା, ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ, ତୁମୁଡିବନ୍ଧ, କନ୍ଧମାଳ


ଗୋପବନ୍ଧୁ ଦାସ ସାଧୀନତା ଆନ୍ଦୋଳନରେ ଭାଗ ନେବା କାରଣରୁ କାରାଗାରକୁ ଯାଇଥିଲେ। କାରାଗାରରେ ଥିବା ସମୟରେ ସେୟ ଅନେକ କବିତା ଲେଖିଥିଲେ।ଏହି କବିତାଗୁଡ଼ିକରେ ତାଙ୍କର ଦେଶପ୍ରେମ, ଆତ୍ମତ୍ୟାଗ ଏବଂ ସାଧୀନତା ପ୍ରତି ଗଭୀର ଆକାଂକ୍ଷା ପ୍ରକାଶ ପାଇଛି। କାରାଗାରର କଷ୍ଟ ମଧ୍ୟରେ ମଧ୍ୟ ସେ ଦେଶର ଭବିଷ୍ୟତ ବିଷୟରେ ଆଶାବାଦୀ ଥିଲେ। ଏହି କବିତାଗୁଡ଼ିକ ଜାତୀୟ ଚେତନାର ଉତ୍କୃଷ୍ଟ ଉଦାହରଣ। ଗୋପବନ୍ଧୁଙ୍କ ଅଧିକାଂଶ କବିତାରେ ମାତୃଭୂମି ପ୍ରତି ଅଗାଧ ପ୍ରେମ ଦେଖିବାକୁ ମିଳେ। ସେ ଚାହୁଁଥିଲେ ଓଡ଼ିଶା ଓ ଭାରତ ଉନ୍ନତିର ପଥରେ ଆଗକୁ ବଢୁ।ତାଙ୍କ କବିତା ଯୁବପିଢ଼ୀଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଥାଏ। ସେ ନିଜ ଜୀବନରେ ଯାହା ଆଦର୍ଶ ପାଳନ କରିଥିଲେ, ତାହାକୁ କବିତାରେ ମଧ୍ୟ ପ୍ରକାଶ କରିଥିଲେ। ଗୋପବନ୍ଧୁଙ୍କ କବିତାରେ ମାନବସେବାର ଭାବନା ବହୁତ ପ୍ରବଳ। ସେ ଦୁଃଖୀ, ଗରିବ ଓ ଅସହାୟ ଲୋକଙ୍କ ସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମନେ କରୁଥିଲେ। ତାଙ୍କ କବିତା ଆମକୁ ଶିଖାଏ ଯେ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ଭେଦଭାବ ଭୁଲି ସମସ୍ତଙ୍କୁ ଭଲପାଇବା ଉଚିତ। ତାଙ୍କ କବିତାରେ ସରଳତା, ଦେଶପ୍ରେମ, ମାନବି କତା, ନୈତିକତା, ଆଧ୍ୟାତ୍ମିକତା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତାଗୁଡ଼ିକ କେବଳ ସାହିତ୍ୟ ନୁହେଁ, ବରଂ ଜୀବନର ଶିକ୍ଷା। ତାଙ୍କ ରଚନାରେ ଦେଶପ୍ରେମ, ତ୍ୟାଗ, ସେବା, ମାନବତା ଓ ନୈତିକତାର ମହାନ ବାର୍ତ୍ତା ନିହିତ ଅଛି। ‘‘ଅବକାଶ ଚିନ୍ତା’’, ‘‘ବନ୍ଦୀର ଆତ୍ମକଥା’’, ‘‘ରେଳ ଉପରେ’’, ‘‘ଗୋ-ମାହାତ୍ମ୍ୟ’’, ‘‘ଧର୍ମପଦ’’ ଏବଂ ‘‘କାରା କବିତା’’ ଭଳି ରଚନାମାନେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସେଗୁଡ଼ିକ ଆଜି ମଧ୍ୟ ପାଠକଙ୍କୁ ସତ୍ୟ, ସେବା ଓ ଦେଶପ୍ରେମର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ।

# ଆମ ସଂସ୍କୃତିରେ ଦୁବ




**ବୈଷ୍ଣବ ଚରଣ ଦାଶ**
ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦


ହିନ୍ଦୁ ଧର୍ମରେ କ୍ଷୁଦ୍ର ଘାସ ଠାରୁ ଆରମ୍ଭ କରି ବୃହତ୍ ବୃକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ଥାନିତ କରାଯାଇଛି। ସାଧାରଣ ଦୁବ ଠାରୁ ବୃହଦାକାର ଅଶ୍ୱତ୍ଥ ବୃକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଗ୍ରହଣ କରାଯାଇଛି ଏକ ପବିତ୍ର ବସ୍ତୁ ରୂପେ। ଦୁବ ଏକ ବହୁବର୍ଷଜୀବୀ ସବୁଜ ଘାସ, ଯାହା ଭାରତର ପ୍ରାୟ ସମସ୍ତ ଅଞ୍ଚଳରେ ଦେଖାଯାଏ। ଏହା ଘାସ ଜାତୀୟ ଉଦ୍ଭିଦ ହୋଇଥିଲେ ମଧ୍ୟ ଏହାର ଔଷଧୀୟ, ଧାର୍ମିକ ଏବଂ ପରିବେଶଗତ ମହତ୍ତ୍ୱ ବହୁତ ଅଧିକ।ଏହାକୁ ଓଡ଼ିଆରେ ‘ଦୁବ’ ବା ‘ଦୂର୍ବା’ ବୋଲି କୁହାଯାଏ।ଏହା ମାଟି ଉପରେ ଲତା ପରି ବିସ୍ତାର ହୋଇ ବଢ଼ିଥାଏ।ଏହାର ପତ୍ର ଛୋଟ, ସରୁ ଏବଂ ସବୁଜ ରଙ୍ଗର ହୋଇଥାଏ। ଅଳ୍ପ ପାଣି ଓ ଅନୁକୂଳ ପରିବେଶ ନଥିଲେ ମଧ୍ୟ ଏହା ସହଜରେ ବଞ୍ଚି ରହିପାରେ। ହିନ୍ଦୁ ଧର୍ମରେ ଦୁବର ବିଶେଷ ମହତ୍ତ୍ୱ ରହିଛି ଏବଂ ବିଭିନ୍ନ ପୂଜା-ପାର୍ବଣରେ ଏହା ବ୍ୟବହୃତ ହୁଏ, ବିଶେଷକରି ଭଗବାନ ଗଣେଶଙ୍କ ପୂଜାରେ। ଯଜ୍ଞ, ହୋମ ଓ ବିଭିନ୍ନ ବ୍ରତ-ପୂଜାରେ ଦୁବ ର ବ୍ୟବହାର ହୁଏ। ପୁରାଣରେ ଦୂର୍ବାକୁ ଶୁଦ୍ଧତା, ଦୀର୍ଘାୟୁ ଓ ମଙ୍ଗଳର ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି। ଓଡ଼ିଶାର ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କ ଟାହିଆ ରେ ମଧ୍ୟ ଦୁବ ସ୍ଥାନ ପାଇଥାଏ। ପହଣ୍ଡି ସମୟରେ ଦୁବର ଦୋଳନ ଭକ୍ତ ମନକୁ ଆହ୍ଲାଦିତ କରିଥାଏ। ମା ଲକ୍ଷ୍ମୀ ଙ୍କ ପୂଜାରେ ମଧ୍ୟ ଦୁବ ନିହାତି ଆବଶ୍ୟକ। ଦୁବ ସମସ୍ତ ପାପ କୁ ଖଣ୍ଡନ କରିଥାଏ। କର୍ମକାଣ୍ଡ ରେ ତାର ମନ୍ତ୍ର ରହିଛି କାଣ୍ଡାତ୍ କାଣ୍ଡାତ୍ ପ୍ରରୋହନ୍ତି ପରୁଷ ପୁରଷେ ସ୍ପରି, ଏବାନ ଦୂର୍ବେ ପ୍ରତନୁ ସହସ୍ରେଣ ଶତେନ ଚ। ନବଗ୍ରହ ଙ୍କ ମଧ୍ୟ ରେ ରାହୁ ମହାଗ୍ରହ ଙ୍କ ସମିଧ ଭାବେ ଦୁବ କୁ ଗ୍ରହଣ କରାଯାଏ।

ଦୁବ ଘାସ ଏକ ଉତ୍କୃଷ୍ଟ ଔଷଧୀୟ ଉଦ୍ଭିଦ। ଆୟୁର୍ବେଦରେ ଏହାର ଅନେକ ଔଷଧୀୟ ଗୁଣ ବର୍ଣ୍ଣନା କରାଯାଇଛି। ଦୁବ ଘାସର ମୂଳ, କାଣ୍ଡ ଓ ପତ୍ର ସବୁ ଔଷଧୀୟ ଗୁଣରେ ଭରପୂର। ଆୟୁର୍ବେଦ ଅନୁସାରେ ଦୁବ ରକ୍ତସ୍ରାବ ବନ୍ଦ କରିବା, ମୂତ୍ର ସମସ୍ୟା ଦୂର କରିବା, ଶରୀରକୁ ଶୀତଳ ରଖିବା ଏବଂ ଘା’ ସୁସ୍ଥ କରିବାରେ ସାହାଯ୍ୟ କରେ। ଦୁବର ରସ ପିଇବା ଦ୍ୱାରା ଶରୀରର ଅନେକ ରୋଗରୁ ଉପଶମ ମିଳିଥାଏ ବୋଲି ପାରମ୍ପରିକ ଭାବେ

ଦେଶ-ବିଦେଶ

ଅଖଡ଼ା
AKHYARA ODISHA ଓଡ଼ିଶା

## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଖଡଗେଙ୍କ ଅପମାନଜନକ ମନ୍ତବ୍ୟ

# ବିଜେପି କରିବ ଦେଶବ୍ୟାପୀ ପ୍ରତିବାଦ



ପାଟନା: ଦେଶରେ ଚାଲିଥିବା ଏସ୍‌ଆଇଆର ବିରୋଧୀ ଆନ୍ଦୋଳନକୁ ଦେଶର ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରିଛନ୍ତି କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ। ତେଣୁ ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଦେଶର କୋଣ ଅନୁକୋଣରେ ପହଞ୍ଚାଯିବ ବୋଲି ସେ କହିଛନ୍ତି। ରବିବାର ପାଟନାରେ ବିହାରର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଶ୍ରୀକୃଷ୍ଣ ସିଂହ (ସିହ୍ନା) ଙ୍କ ୧୩୯ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗ ଦେଇ ଖଡଗେ କହିଥିଲେ ଯେ ଆର୍‌ଏସ୍‌ଏସ୍ ଆଦର୍ଶ ବିଲୋପ ନ ହେବା ଯାଏ ଦେଶରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। କାରଣ ବିଜେପି ଓ ଆର୍‌ଏସ୍‌ଏସ ଦେଶର ସାମ୍ବିଧାନିକ ଅନୁଷ୍ଠାନଗୁଡିକର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ସହିତ ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ପୂର୍ବକ ଭୋଟ ଚୋରି କରି ବିଜେପି ପଶ୍ଚିମବଙ୍ଗ, ବିହାର, ହରିୟାଣା ଓ ମହାରାଷ୍ଟ୍ରରେ ସରକାର ଗଠନ କରିଛି। ଏସ୍‌ଆଇଆର ଓ ଭୋଟ ଚୋରି ବିରୋଧରେ ଚାଲିଥିବା ଆନ୍ଦୋଳନରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେବାକୁ ଖଡଗେ ବିହାରବାସୀଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଭୋଟ ଚୋରି କାର୍ଯ୍ୟରେ ଜଡିତ ଲୋକଙ୍କୁ ଆଇନର କାଠଗଡାକୁ ଟଣାଯିବା ସହିତ ଜେଲ୍‌ରେ ଭର୍ତ୍ତି କରାଯିବ। ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ଘଟଣାକୁ ନେଇ ମଧ୍ୟ ସେ ବିଜେପିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯେଉଁମାନେ ଭଗବାନ ରାମଙ୍କ ସମ୍ପତ୍ତିକୁ ଲୁଟ୍ କରିଛନ୍ତି ସେମାନଙ୍କୁ ପ୍ରଭୁ ଶ୍ରୀରାମ ନିଶ୍ଚିତ ଦଣ୍ଡିତ କରିବେ। ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧିକୁ ନେଇ ମଧ୍ୟ ଖଡଗେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ସରକାର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଦେଶରେ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି। ଲୋକ ଖାଇବା ଜିନିଷ କିଣିବାକୁ ଅସମର୍ଥ ହେଉଛନ୍ତି ମାତ୍ର ସରକାର କହୁଛନ୍ତି ଯେ ଦେଶରେ ଅମୃତ କାଳ ଚାଲିଛି। କଂଗ୍ରେସ ସଭାପତି ଦାବି କରିଛନ୍ତି ଯେ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ନିର୍ବାଚନ ବାଲାଟ ପେପରରେ କରାଯାଉ। ଏହା ସହିତ ଦେଶରେ ଏସ୍‌ଆଇଆର ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାଯାଉ। ଗତ ଦୁଇବର୍ଷ ମଧ୍ୟରେ ହୋଇଥିବା ବିଧାନସଭା ନିର୍ବାଚନଗୁଡିକ ବାତିଲ କରାଯାଉ ବୋଲି ସେ କହିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ଖଡଗେ ସମାଲୋଚନା କରିଛନ୍ତି। ଖଡଗେ କହିଛନ୍ତି ଯେ ଆରଏସ୍‌ଏସ୍ ଆଦର୍ଶରେ ବିଶ୍ୱାସ କରୁଥିବା ଲୋକଙ୍କ ସହିତ ନୀତୀଶ ହାତ ମିଳାଇଛନ୍ତି। ଏସ୍‌ଆଇଆର, ଭୋଟ ଚୋରି ବିରୋଧରେ ବିରୋଧୀ ଇଣ୍ଡିଆ ବ୍ଲକ ନଭେମ୍ବର ୧ରେ ନୂଆଦିଲ୍ଲୀରେ ବଡ ଧରଣର ଆନ୍ଦୋଳନ କରିବାକୁ ଯାଉଛି। ଏହି ଆନ୍ଦୋଳନରେ ଭାଗ ନେବା ଲାଗି କଂଗ୍ରେସ ଦଳ ଏହାର ସମସ୍ତ ସାଂସଦଙ୍କୁ ନିବେଦନ କରିଛି। ଏଥିପାଇଁ ଅକ୍ଟୋବର ୩୦ରୁ ନଭେମ୍ବର ୧ ତିନି ଦିନ ପାଇଁ ଦିଲ୍ଲୀରେ ଉପସ୍ଥିତ ରହିବାକୁ ଦଳର ସମସ୍ତ ସାଂସଦଙ୍କୁ ଖଡଗେ ରବିବାର କହିଛନ୍ତି। ତେବେ ପାର୍ବଣ ଋତୁରେ ଦିଲ୍ଲୀରେ ବାରମ୍ବାର ବିକ୍ଷୋଭ ଯୋଗୁଁ ସ୍ଥାନୀୟ ଛୋଟ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆ ବ୍ଲକକୁ ଏହାର ପ୍ରସ୍ତାବିତ ଶୋଭାଯାତ୍ରା ଆୟୋଜନ ବିଳମ୍ବିତ କରିବାକୁ ବ୍ୟବସାୟୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ବ୍ୟବସାୟୀଙ୍କ ଏହି ନିବେଦନ ଉପରେ ସୋମବାର କଂଗ୍ରେସ ଦଳ ନିଷ୍ପତ୍ତି ନେବ।

## ଖାର୍ଗେଙ୍କ ବିବାଦୀୟ ବୟାନକୁ ନେଇ ବର୍ଷିଲେ ଅମିତ ଶାହା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଶାହା କହିଛନ୍ତି, ଖାର୍ଗେ ମୋଦିଙ୍କ ପିତାଙ୍କୁ ନେଇ ଅଭଦ୍ର ମନ୍ତବ୍ୟ ଦେଇ ସମସ୍ତ ମର୍ଯ୍ୟାଦା ଉଲ୍ଲଂଘନ କରିଛନ୍ତି । ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ କଂଗ୍ରେସ ମୋଦି ଏବଂ ତାଙ୍କ ପରିବାରକୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି।

ନିଜର ଏକ୍ସ ପୋଷ୍ଟରେ ଶାହା କହିଛନ୍ତି, କେବେ ମୋଦିଙ୍କ ମାଆଙ୍କୁ ନେଇ ଅପଶବ୍ଦ ପ୍ରୟୋଗ କରାଯାଇଛି, ତ କେବେ ତାଙ୍କୁ 'ମୃତ୍ୟୁର ସୌଦାଗର' ଏବଂ 'ଚା' ବିକାଳି' କହି ତାଙ୍କ ଗରିବ ପୃଷ୍ଠଭୂମିକୁ ପରିହାସ କରାଯାଇଛି। ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିଦିନ ଅଭଦ୍ରତାର ସୀମା ଅତିକ୍ରମ କରୁଥିବା ସେ କହିଛନ୍ତି। ଲଗାତାର ନିର୍ବାଚନୀ ପରାଜୟ ଯୋଗୁଁ କଂଗ୍ରେସ ହତାଶ ହୋଇପଡ଼ିଛି ଏବଂ ଦଳ ପାଖରେ ନୀତି କିମ୍ବା ପ୍ରସଙ୍ଗ ନାହିଁ, କେବଳ ଗାଳିଗୁଲଜର ରାଜନୀତି ରହିଛି ବୋଲି ଶାହ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପାଟନାର ବାପୁ ସଭାଗାରରେ ଏକ ସଭାକୁ ସମ୍ବୋଧିତ କରିବା ସମୟରେ ଖାର୍ଗେ ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର ଏବଂ ହରିୟାଣାର ସରକାରଙ୍କୁ 'ଚୋରିର ସରକାର' ଏବଂ 'ଭୋଟ୍ ଚୋରି କରି ଗଠିତ ସରକାର' ବୋଲି କହିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି 'ମୋଦି କେବେ ଯିବେ ନାହିଁ' ବୋଲି କହିବାରୁ ଖାର୍ଗେ ମଞ୍ଚରୁ ଜବାବ ଦେଇ କହିଥିଲେ, 'ମୋଦିଙ୍କ ବାପା ମଧ୍ୟ ଯିବେ ।' ଏହି ମନ୍ତବ୍ୟକୁ ନେଇ ସଭାରେ ହୋହଲ୍ଲା ସୃଷ୍ଟି ହୋଇଥିଲା। ଖାର୍ଗେଙ୍କ ଏହି ବୟାନକୁ ନେଇ ଶାହାଙ୍କ ପ୍ରତିକ୍ରିୟା ପରେ ଭାଜପା ଓ କଂଗ୍ରେସ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି ।

## ଯୁଦ୍ଧର ସମାଧାନ ପାଇଁ ଆଲୋଚନା ହିଁ ଏକମାତ୍ର ମାର୍ଗ: ଜୟଶଙ୍କର



ନୂଆଦିଲ୍ଲୀ, : ବିଶ୍ୱରେ ଜାରି ରହିଥିବା ଯୁଦ୍ଧକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ସେ କହିଛନ୍ତି, ଯେକୌଣସି ସ୍ଥାନରେ ହେଉଥିବା ଯୁଦ୍ଧ ସର୍ବତ୍ର ଶାନ୍ତି ପାଇଁ ବିପଦ ସୃଷ୍ଟି କରିଥାଏ। ୟୁକ୍ରେନ୍ ଓ ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷର ପ୍ରଭାବ କେବଳ ସମ୍ପୃକ୍ତ ଦେଶଗୁଡ଼ିକ ମଧ୍ୟରେ ସୀମିତ ନାହିଁ । ଏହାର ପ୍ରଭାବ ବିଶ୍ୱର ଅନ୍ୟ ଦେଶ, ଅର୍ଥନୀତି ଓ ସାଧାରଣ ଲୋକଙ୍କ ଉପରେ ମଧ୍ୟ ପଡୁଛି । ମିଳିତ ଜାତିସଂଘ ଦିବସ ଅବସରରେ ଦିଲ୍ଲୀରେ ଆୟୋଜିତ ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଭାରତର ଆଭିମୁଖ୍ୟ ଦୋହରାଇଛନ୍ତି । ଜୟଶଙ୍କର କହିଛନ୍ତି, ଯୁଦ୍ଧର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ମାର୍ଗ। ଭାରତ ନିଜ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଦେଶ ଓ ସହଯୋଗୀଙ୍କ ସହ ମିଶି କାମ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଆତଙ୍କବାଦକୁ ନେଇ ମଧ୍ୟ କଠୋର ମତ ରଖିଛନ୍ତି ବୈଦେଶିକ ମନ୍ତ୍ରୀ। ରାଷ୍ଟ୍ରନୀତିର ଏକ ଉପାୟ ଭାବେ ଆତଙ୍କବାଦକୁ ବ୍ୟବହାର କରିବା ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ସେ କହିଛନ୍ତି । ଏହାକୁ କୌଣସି ପରିସ୍ଥିତିରେ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଆତଙ୍କବାଦ ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ବିପଦ ହୋଇ ରହିଛି । ସମସ୍ତ ଦେଶ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ସହ ଏକଜୁଟ ହେବା ଆବଶ୍ୟକ । ରାଜନୈତିକ ଲାଭକ୍ଷତିକୁ ଆତଙ୍କବାଦ ବିରୋଧୀ ପଦକ୍ଷେପଠାରୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ ନୁହେଁ ବୋଲି ସେ ଆହ୍ୱାନ ଦେଇଛନ୍ତି ।

## କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର: ୨୮ରେ ଡିଏ ଘୋଷଣା !

ନୂଆଦିଲ୍ଲୀ: କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଅପେକ୍ଷା ଆହୁରି ଲମ୍ବିଯିବା ହେବାରେ ଲାଗିଛି। ଜୁଲାଇ ୨୦୨୬ ପାଇଁ ମହଙ୍ଗା ଭତ୍ତା (DA) ଏବଂ ମହଙ୍ଗା ସହାୟତା (DR) ବୃଦ୍ଧି ନେଇ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ। ଏବେ ସମସ୍ତଙ୍କ ନଜର ଆଗାମୀ ୨୮ ଅକ୍ଟୋବର ୨୦୨୬ କ୍ୟାବିନେଟ ବୈଠକ ଉପରେ ରହିଛି, ଯେଉଁଠାରେ କେନ୍ଦ୍ର ସରକାର ଡିଏ ବୃଦ୍ଧି ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ସରକାରଙ୍କର ଏହି ଗୋଟିଏ ନିଷ୍ପତ୍ତିର ସିଧାସଳଖ ପ୍ରଭାବ ଦେଶର ପ୍ରାୟ ୧ କୋଟି କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀଙ୍କ ପକେଟ ଉପରେ ପଡ଼ିବ। ଆସନ୍ତୁ ଜାଣିବା ଡିଏ ଘୋଷଣାରେ କାହିଁକି ବିଳମ୍ବ ହେଉଛି ଏବଂ ଏଥର କର୍ମଚାରୀମାନଙ୍କୁ କେତେ ପ୍ରତିଶତ ବୃଦ୍ଧି ମିଳିପାରେ।

କର୍ମଚାରୀମାନେ ଆଶା କରିଥିଲେ ଯେ ଏଥର ଦୀପାବଳିର ବହୁ ପୂର୍ଣ୍ଣରୁ ଅର୍ଥାତ ଅକ୍ଟୋବର ପ୍ରଥମ ସପ୍ତାହରେ ହିଁ ଡିଏ ଉପହାର ମିଳିଯିବ, କିନ୍ତୁ ତାହା ହେଲା ନାହିଁ: ୬ ଅକ୍ଟୋବର ବୈଠକ: ମାସର ପ୍ରଥମ କ୍ୟାବିନେଟ ବୈଠକରେ ଡିଏ ଉପରେ କୌଣସି ନିଷ୍ପତ୍ତି ଆସିଲା ନାହିଁ।

୧୪ ଏବଂ ୧୬ ଅକ୍ଟୋବର: ୧୪ ଅକ୍ଟୋବର ବୈଠକରେ ରେଳ କର୍ମଚାରୀଙ୍କ ପାଇଁ ବୋନସ ଘୋଷଣା ହେଲା ଏବଂ ୧୬ ତାରିଖରେ ନନ-ପରଫରମାନ୍ସ ଲିଙ୍କ୍ଡ ବୋନସ ଘୋଷଣା କରାଗଲା, କିନ୍ତୁ ଡିଏ ବିଷୟରେ କଥା ଆଗକୁ ବଢ଼ିଲା ନାହିଁ।

୨୧ ଅକ୍ଟୋବର: ଏହି ଦିନ କ୍ୟାବିନେଟ ବୈଠକ ଅନୁଷ୍ଠିତ ହିଁ ହୋଇନଥିଲା, ଯାହା ପରେ କର୍ମଚାରୀଙ୍କ ନଜର ଏବେ ୨୮ ଅକ୍ଟୋବରର ସମ୍ଭାବ୍ୟ କ୍ୟାବିନେଟ ବୈଠକ ଉପରେ ରହିଛି। ସାଧାରଣତଃ ଦେଖାଯାଇଛି ଯେ କେନ୍ଦ୍ର ସରକାର ନିଜର ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ କ୍ୟାବିନେଟ ବୈଠକ ଦିନ ହିଁ ଘୋଷଣା କରିଥାନ୍ତି। ଯଦିଓ ଏହା କୌଣସି ଲିଖିତ ନିୟମ ନୁହେଁ, ତଥାପି ୨୮ ଅକ୍ଟୋବରରେ ଡିଏ ଘୋଷଣା ହେବାର ସର୍ତ୍ତାଧିକ ସମ୍ଭାବନା ଥିବା ବିଶ୍ୱାସ କରାଯାଉଛି। ନୂଆ ରିପୋର୍ଟ ଏବଂ ତଥ୍ୟ ଅନୁଯାୟୀ, ଏଥର କେନ୍ଦ୍ର ସରକାର ମହଙ୍ଗା ଭତ୍ତାରେ ୩ ପ୍ରତିଶତ (୩%) ବୃଦ୍ଧି କରିପାରନ୍ତି। ବର୍ତ୍ତମାନ କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ୬୦% ହାରରେ ଡିଏ ମିଳୁଛି। ପୂର୍ଣ୍ଣଥର ସରକାର ଏଥିରେ ୨% ବୃଦ୍ଧି କରିଥିଲେ, ଯାହାଦ୍ୱାରା ଏହା ୫୮% ରୁ ବୃଦ୍ଧି ପାଇ ୬୦% ହୋଇଥିଲା। ଯଦି ଏଥର ୩% ବୃଦ୍ଧି ଘଟେ, ତେବେ ମୋଟ ମହଙ୍ଗା ଭତ୍ତା ବୃଦ୍ଧି ପାଇ ୬୩%ରେ ପହଞ୍ଚିଯିବ।

## ଶକ୍ତିଶାଳୀ ହେଲାଣି 'ଅର୍ଣ୍ଣବ'

### ୫୩ ଟ୍ରେନ ବାତିଲ, ଆଗାମୀ ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ,୨୭।୧୦: 'ଅର୍ଣ୍ଣବ' ନାମକ ବାତ୍ୟାକୁ ନେଇ କେନ୍ଦ୍ର ସରକାର ଚାରିଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ବଙ୍ଗୋପସାଗରରେ ଅଧିକ ଘନୀଭୂତ ହେବା ପରେ, ଏହି ବାତ୍ୟା ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଆଡ଼କୁ ଗତି କରୁଛି। ଫଳରେ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତେଲଙ୍ଗାନା, ଛତିଶଗଡ଼ ଏବଂ ପୁଡୁଚେରୀକୁ ସତର୍କ ଅବସ୍ଥାରେ ରଖାଯାଇଛି। ଭାରତୀୟ ପାଣିପାଗ ବିଭାଗ ଜଣାଇଛି ଯେ 'ଅର୍ଣ୍ଣବ' ଏକ 'ତୀବ୍ର ବାତ୍ୟା' ରୂପ ନେଇଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଶକ୍ତିଶାଳୀ ହୋଇ ଏକ 'ଅତ୍ୟନ୍ତ ତୀବ୍ର ବାତ୍ୟା' ରେ ପରିଣତ ହେବାର ସମ୍ଭାବନା ରହିଛି। ଓଗଡ ଅନୁଯାୟୀ, ବାତ୍ୟାଟି ବର୍ତ୍ତମାନ ବିଶାଖାପାଟଣାରୁ ୪୯୦ କିମି, କାକିନାଡ଼ାରୁ ୫୬୦ କିମି ଏବଂ ବାପାଟଲାରୁ ୭୩୦ କିମି ଦୂରରେ ରହିଛି ଏବଂ ଘଣ୍ଟା ପ୍ରତି ୧୭ କିମି ବେଗରେ ପଶ୍ଚିମ ଦିଗକୁ ଗତି କରୁଛି।

ବଙ୍ଗଳା ଭାଷାରେ 'ଅର୍ଣ୍ଣବ' ଶବ୍ଦର ଅର୍ଥ ହେଉଛି ମହାସାଗର ବା ସମୁଦ୍ର, ଏବଂ ଏହି ନାମଟି ବାଂଲାଦେଶ ଦ୍ୱାରା ପ୍ରସ୍ତାବିତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, 'ଅର୍ଣ୍ଣବ' ମଙ୍ଗଳବାର ସକାଳ ସୁଦ୍ଧା ଆନ୍ଧ୍ରପ୍ରଦେଶ ଏବଂ ୟାନାମ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ବାପାଟଲା ଏବଂ ବିଶାଖାପାଟଣା ମଧ୍ୟରେ, ୟାନାମ ନିକଟ ଦେଇ ଗତି କରିବ। ଏହି ସମୟରେ, ପବନର ବେଗ ଘଣ୍ଟା ପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ ଏବଂ ପବନର ଝଟକା ଘଣ୍ଟା ପ୍ରତି ୧୪୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ।

ଏହି ବାତ୍ୟା କାରଣରୁ ଅକ୍ଟୋବର ୨୭ ଓ ୨୮ ତାରିଖ ପାଇଁ ୫୩ଟି ଟ୍ରେନ ବାତିଲ କରାଯାଇଛି। ଆନ୍ଧ୍ରପ୍ରଦେଶର ଅନେକ ରେଳ ମାର୍ଗ ପ୍ରଭାବିତ ହୋଇଛିଟ ଏଥିମଧ୍ୟରେ ବିଜୟୱାଡ଼ା, ରାଜମୁନ୍ଦ୍ରୀ, ମଛଲିପଟନମ, ନରସାପୁର, ଭୀମାଭରମ, କାକିନାଡ଼ା ପୋର୍ଟ, ଗୁଣ୍ଟୁର ଏବଂ ବିଶାଖାପାଟଣାକୁ ସଂଯୋଗ କରୁଥିବା ରେଳ ସେବାଗୁଡ଼ିକ ଅନ୍ତର୍ଭୁକ୍ତ। କିଛି ଟ୍ରେନ ଉଭୟ ଦିନ ବାତିଲ ରହିବ।

ପ୍ରସ୍ତୁତିର ସମୀକ୍ଷା କରିବା ଏବଂ ରିଲିଫ କାର୍ଯ୍ୟର ସମନ୍ୱୟ ରକ୍ଷା କରିବା ପାଇଁ କ୍ୟାବିନେଟ ସଚିବ ଟି.ଭି. ସୋମନାଥନ 'ଜାତୀୟ ସଙ୍କଟ ପରିଚାଳନା କମିଟି'ର ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରବଳ ବର୍ଷା ହେବାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ପୂର୍ବ ଉତ୍ତର ପ୍ରଦେଶ ଏବଂ ବିହାରର ଅଧିକାରୀମାନଙ୍କୁ ମଧ୍ୟ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀଙ୍କର ଦଳଗୁଡ଼ିକୁ ମୁତୟନ କରାଯାଇଛି ଏବଂ ଅତିରିକ୍ତ କର୍ମଚାରୀଙ୍କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଏହା ବ୍ୟତୀତ ସ୍ଥଳସେନା, ନୌସେନା, ବାୟୁସେନା ଏବଂ ଭାରତୀୟ ତଟରକ୍ଷା ବାହିନୀ ମଧ୍ୟ ନିଜ ନିଜର ଉଦ୍ଧାର ଓ ରିଲିଫ ଦଳଗୁଡ଼ିକୁ ପ୍ରସ୍ତୁତ ରଖିଛନ୍ତି।

## ରାସ୍ତାରେ ଦଙ୍ଗା, ଭଙ୍ଗାରୁଜା କଲେ ଅଭିଭାବକ ଗଣିବେ ଟଙ୍କା !

ନୂଆଦିଲ୍ଲୀ : ୟୁରୋପର ଅନେକ ଦେଶରେ ଏବେ ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ରାସ୍ତାଘାଟରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଫ୍ରନ୍ସରୁ ଆରମ୍ଭ ହୋଇଥିବା ବିରୋଧର ନିଆଁ ଏବେ ଇଟାଲୀ, ବେଲଜିୟମ ଓ ଆଲବାନିଆ ପର୍ଯ୍ୟନ୍ତ ବ୍ୟାପିଛି। ଜେନ-ଜି ପିଢ଼ି ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା, ବଢୁଥିବା ମହଙ୍ଗା ମାଡ଼ ଏବଂ ସରକାରୀ ବଜେଟରେ ହେଉଥିବା ବ୍ୟୟକାଟ ବିରୋଧରେ ଜୋରଦାର ସ୍ୱର ଉଠାଉଛନ୍ତି। ଅନେକ ସ୍ଥାନରେ ଏହି ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ଫଳରେ ସରକାରୀ ସମ୍ପତ୍ତି ଓ ଦୋକାନଗୁଡ଼ିକର ବ୍ୟାପକ କ୍ଷତି ହୋଇଛି। ଏଭଳି ଅରାଜକତା ଉପରେ ରୋକ ଲଗାଇବା ପାଇଁ ଇଟାଲୀ ଓ ଫ୍ରାନ୍ସ ସରକାର କଠୋର ପଦକ୍ଷେପ ନେବା ସହ ଆଇନରେ ବଡ଼ ପରିବର୍ତ୍ତନ କରିଛନ୍ତି। ଏବେ ନାବାଳକମାନେ ରାସ୍ତାରେ ଦଙ୍ଗା କିମ୍ବା ଭଙ୍ଗାରୁଜା କଲେ, ଏଥିଯୋଗୁଁ ହୋଇଥିବା ସମ୍ପୂର୍ଣ୍ଣ କ୍ଷତିପୂରଣ ସେମାନଙ୍କ ମାତାପିତାଙ୍କୁ ନିଜ ପକେଟରୁ ଭରଣା କରିବାକୁ ପଡ଼ିବ। ଆସନ୍ତୁ, ଏ ସମ୍ପର୍କରେ ବିସ୍ତୃତ ଭାବେ ଜାଣିବା। ୟୁରୋପର ବିଭିନ୍ନ ଅଞ୍ଚଳରେ ଛାତ୍ରୀଛାତ୍ର ଓ ଯୁବପିଢ଼ି ରାସ୍ତାକୁ ଓହ୍ଲାଇ ବର୍ତ୍ତମାନର ସାମାଜିକ ଓ ଆର୍ଥିକ ନୀତିକୁ ତୀବ୍ର ବିରୋଧ କରୁଛନ୍ତି। ଫ୍ରାନ୍ସରେ ୨୦୨୬ ସେପ୍ଟେମ୍ବର ଶେଷ ଭାଗରେ ପ୍ୟାରିସର ସେନ-ସେଣ୍ଟ-ଡେନିସ ଅଞ୍ଚଳର ସ୍କୁଲଗୁଡ଼ିକରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ସ୍କୁଲ କୋଠାଗୁଡ଼ିକର ଦୟନୀୟ ଅବସ୍ଥା, ଶିକ୍ଷକଙ୍କ ଘୋର ଅଭାବ ଏବଂ ଶିକ୍ଷା ବଜେଟ୍‌ରେ କରାଯାଇଥିବା କାଟକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୁଷ୍ଟ ଥିଲେ।

ଦେଖୁ ଦେଖୁ ଏହି ଆନ୍ଦୋଳନ ସମଗ୍ର ଦେଶକୁ ବ୍ୟାପିଯାଇଥିଲା। ପରବର୍ତ୍ତୀ ସମୟରେ ଏଥିରେ ସାଧାରଣ ନାଗରିକ ଓ କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ।

## ନେପାଳର ଅର୍ଥନୀତିକୁ ନୂଆ ଶକ୍ତି ଦେଇଛି ଜଳବିଦ୍ୟୁତ୍

କାଠମାଣ୍ଡୁ : ପ୍ରକୃତିର ତାଣ୍ଡବରେ ଦୋହଲି ଯାଇଥିଲା ନେପାଳର ଭିତ୍ତିଭୂମି। ବନ୍ୟାପାଣି ଓ ଭୂସ୍ଖଳନରେ ହୋଇଥିଲା ବ୍ୟାପକ କ୍ଷୟକ୍ଷତି ଭାଙ୍ଗ

ଆମ ଓଡ଼ିଶା

ବୁଧବାର ୨୮।୧୦।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

# ଅର୍ଣ୍ଣବ ବାତ୍ୟା ପ୍ରସ୍ତୁତି: ଉଲୁଣ୍ଡାରେ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର:୨୭।୧୦(ସଂଗ୍ରାମ) ଆସନ୍ତା ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଆଜି ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦେବାଶିଷ ସିଂ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ ସାହୁ ବୈଠକର ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ କୌଣସି ବଡ଼ ଆଲର୍ଟ ନଥିଲେ ମଧ୍ୟ ସମସ୍ତ ବିଭାଗକୁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଦୁଇ ଦିନ ଜିଲ୍ଲା ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପାରେ। ୨୭ ତାରିଖକୁ ନିରୀକ୍ଷଣ ଦିବସ ଭାବେ ଗ୍ରହଣ କରାଯିବ। ବାତ୍ୟା ପୂର୍ବରୁ ଓ ପରେ ଉଭୟ ସମୟରେ ଜରୁରୀକାଳୀନ ପରିସ୍ଥିତି ଉପୁଜିପାରେ, ତେଣୁ ଆସନ୍ତା ସପ୍ତାହ ସାରା ସତର୍କ ରହିବାକୁ ଜିଲ୍ଲାପାଳ କହିଥିଲେ।

ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ପୌରପାଳିକା ଓ ଘଇଉ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଜ ନିଜ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟନ୍ତ୍ରଣ କକ୍ଷଗୁଡ଼ିକ ସଠିକ୍ ଭାବେ କାମ କରୁଛି କି ନାହିଁ, ତାହା କ୍ରସ୍ ଚେକ୍ ମଧ୍ୟ କରାଯିବ। ଲୋକଙ୍କୁ ସୁରକ୍ଷିତ ଭାବେ ରଖିବା ପାଇଁ ଆଗୁଆ ସମସ୍ତ ଉଦ୍ଧାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ସଫା ସୁତୁରା କରିବାକୁ କୁହାଯାଇଛି।

ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ପରିସ୍ଥିତିରେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ହେବ ବୋଲି କହି ପ୍ରସ୍ତୁତ ରହିବାକୁ କୁହାଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଆବଶ୍ୟକୀୟ ଔଷଧର ମଜୁତ ଯାଞ୍ଚ କରିବାକୁ ଏବଂ ସର୍ପଦଂଶନ ଘଟଣାକୁ ଦୃଷ୍ଟିରେ ରଖି ଆଣ୍ଟିଭେନମ୍ ଷ୍ଟକ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆମ୍‌ବୁଲାନ୍ସ ଉପଲବ୍ଧ ରହିବା ସହ ଚାଳକମାନେ ସବୁବେଳେ ଡ୍ୟୁଟିରେ ରହିବା ନିଶ୍ଚିତ କରିବାକୁ କୁହାଯାଇଛି। ଟାଟା ପାୱାର (ବିଦ୍ୟୁତ୍ ବିତରଣ କମ୍ପାନୀ) କୁ ଜିଲ୍ଲାରେ ଦୀର୍ଘ ସମୟ ବିଦ୍ୟୁତ୍ ବିଚ୍ଛିନ୍ନ ନହେବା ପାଇଁ ବିକଳ୍ପ ଯୋଜନା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଓ ପବନର ବେଗ ଯୋଗୁଁ ରାସ୍ତାରେ ପଡ଼ିଥିବା ଗଛ ଓ ଭୁଷୁଡ଼ି ପଡ଼ିଥିବା କାନ୍ଥ ହଟାଇବା ପାଇଁ ବ୍ୟବହୃତ ଉପକରଣ ଓ ଯାନବାହାନ ଆଗୁଆ ପରୀକ୍ଷା କରି ପ୍ରସ୍ତୁତ ରଖିବାକୁ ମଧ୍ୟ କୁହାଯାଇଛି। ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଉଳ ସହିତ ଚୁଡ଼ା ଓ ମୁଢ଼ି ଭଳି ଶୁଖିଲା ଖାଦ୍ୟ ଉପଲବ୍ଧ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଯାନବାହାନ ଉପଲବ୍ଧ କରାଇବାକୁ କୁହାଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ରାଜେଶ ସାହୁ ସୂଚନା ଦେଇଥିଲେ ଯେ, ଉଦ୍ଧାର କାର୍ଯ୍ୟ ପାଇଁ ୫ଟି ଡଙ୍ଗା ଉପଲବ୍ଧ ଅଛି, ଯାହାକୁ କୌଣସି ଅଞ୍ଚଳ ବନ୍ୟାକବଳିତ ହେଲେ ବ୍ୟବହାର କରାଯାଇପାରିବ।

ସମସ୍ତ ତହସିଲଦାରଙ୍କୁ ପଲିଥିନ ସିଟ୍ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଏବଂ ଆବଶ୍ୟକ ଲୋକଙ୍କୁ ବଣ୍ଟନରେ କୌଣସି ଅବହେଳା ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀଙ୍କୁ ଗୃହପାଳିତ ପଶୁ ଓ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ପଶୁ ଚିକିତ୍ସା ଔଷଧର ମଜୁତ ରଖିବାକୁ କୁହାଯାଇଛି। ମତ୍ସ୍ୟ ଅଧିକାରୀଙ୍କୁ ମତ୍ସ୍ୟଜୀବୀ ସଂଘ ମାଧ୍ୟମରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ସତର୍କ କରାଇ ନଦୀକୁ ନଯିବାକୁ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ଶ୍ରୀ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ




ପାରଳାଖେମୁଣ୍ଡି, ୨୭।୧୦ (ଅକ୍ଷର ଓଡ଼ିଶା): ଗଜପତି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୭ ତାରିଖ ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହେବା ସହ ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼ତୋଫାନ, ଭୂସ୍ଖଳନ ପ୍ରବଣ ଅଞ୍ଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଥା ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନଡିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ହେବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ମରାମତି, ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭୂସ୍ଖଳନ ପ୍ରବଣ ଅଞ୍ଚଳ, ପାହାଡ଼ ତଳେ ରହୁଥିବା ପରିବାର, ତଳିଆ ଅଞ୍ଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ଜିଲ୍ଲାର ୨୧୦ ଜଣ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି। ଏଥିସହ ଚୁଡ଼ା, ଗୁଡ଼, ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ସେହିପରି ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏକ ଟିମ୍ ହୋଇ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ବ୍ଲକ୍, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ଓ ଶ୍ରୀ ମୁନିଦ୍ର ହୋନନାଗା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଆଭାସୀ ବୈଠକରେ ଯୋଗ ଦେଇଥିଲେ।

# ଆସନ୍ନ ସାମୁଦ୍ରିକ ଝଡ଼ ଅର୍ଣ୍ଣବର ମୁକାବିଲା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ

ଜଳେଶ୍ୱର,୨୭।୧୦(ଭୂପତି ପରିଡ଼ା): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଅର୍ଣ୍ଣବ ଆସନ୍ତା ୨୭ ଓ ୨୮ ତାରିଖରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି।ଏହି ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା, ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିର ପରିଚାଳନା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଦିନ ୧୧ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଏମର୍ଜେନ୍ସି ଅଫିସର ସଜତ ଅନୁପମ ଙ୍କ ଅଧକ୍ଷତାର ବ୍ୟାପକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସବ୍ୟସାଚୀ ଦାସ, ସେକସନ ଅଫିସର ସନ୍ତୋଷ କୁମାର ଭଞ୍ଜ ଉପସ୍ଥିତ ରହି ବାତ୍ୟା ସମୟରେ ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକର ପ୍ରସ୍ତୁତି, ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା, ତଥା ଜରୁରୀକାଳୀନ ସେବା ନେଇ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା।ବାତ୍ୟା ସମୟରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ସୁଚାରୁ ରୂପେ କାର୍ଯ୍ୟ କରା ଯାଇପାରିବ, ସେ ନେଇ ରଣନୀତି ପ୍ରସ୍ତୁତ କରା ଯାଇଥିଲା।ଏହି ପ୍ରସ୍ତୁତି ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ପ୍ରଶାସନ ପକ୍ଷରୁ ସମସ୍ତ ଜନ ପ୍ରତିନିଧିଙ୍କର ସକ୍ରିୟ ସହଯୋଗ କାମନା କରାଯାଇଛି।

## ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର: ବିନା ନିଲାମରେ ମେଡିକାଲ ସମ୍ପତି ବିକ୍ରି




ରାଜନଗର,୨୭।୧୦(ଅକ୍ଷର ଓଡ଼ିଶା): ରାଜନଗର ବ୍ଲକ ଅଧିନସ୍ଥ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହା ଦୁର୍ନୀତି ବାହାରକୁ ଆସିଛି, ବିନା ନିଲାମରେ ମେଡିକାଲର ପୁରୁଣା ଜିନିଷ କବାଡିଆକୁ ବିକ୍ରି କରା ଯାଇଛି ଯାହା ସଂପୂର୍ଣ୍ଣ ମେଡିକାଲ ନିୟମ ବାହାରେ। ସୂଚନା ମୁତାବକ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁରୁଣା ଆସବା ପତ୍ର କୁ ନିଲାମ କରା ନଯାଇ ଡାକ୍ତର ଆଦିତ୍ୟ ପ୍ରଧାନ କବାଡିଆ କୁ ବିକ୍ରି କରିଛନ୍ତି। ଯାହା ନିୟମ ରହିଛି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ କାର୍ଯ୍ୟାଳୟକୁ କଣ୍ଡେମ୍‌ନେସନ୍ ପ୍ରକ୍ରିୟା ପାଇଁ ପ୍ରଥମେ ଆବେଦନ କରିବା ପରେ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ସମସ୍ତ ଜନ ଆରୋଗ୍ୟ ସମିତିଙ୍କ ଉପସ୍ଥିତ ନିଲାମ ପ୍ରକ୍ରିୟା ମାଧ୍ୟମରେ ସରକାରୀ ସମ୍ପତି ବିକ୍ରି ହୋଇ ତାହାର ଅର୍ଥ ମେଡିକାଲ ଜନ ଆରୋଗ୍ୟ ସମିତି ପାଣ୍ଠିରେ ରହିବ କିନ୍ତୁ ଡାକ୍ତର ଆଦିତ୍ୟ ପ୍ରଧାନ ଏହାକୁ ଆମନ୍ୟ କରି ନିଜ ମନ ମୁତାବକ ଅଧିକ ଲାଭ ଅର୍ଜନ କରିବା ପାଇଁ ଏ ସବୁ ପ୍ରକ୍ରିୟାକୁ ଅନୁସରଣ ନ କରି ବିନା ଅନୁମତିରେ ମେଡିକାଲ ପୁରୁଣା ସମ୍ପତି କବାଡିଆକୁ ବିକ୍ରି କରିଛନ୍ତି। ସବୁଠୁ ବଡ଼ ପ୍ରଶ୍ନ ଫାର୍ମାସିଷ୍ଟ ଆଶାଲତା ନାୟକ ଙ୍କ ଦାୟିତ୍ୱରେ ଏହି ମେଡିକାଲର ପୁରୁଣା ସମ୍ପତି ଦାୟିତ୍ୱରେ ରହିଥିବା ବେଳେ ସେ କେମିତି ଏହି ନିୟମକୁ ଅନୁସରଣ କଲେ ନାହିଁ। ଯାହା ସ୍ପଷ୍ଟ ହେଉଛି ଡାକ୍ତର ଆଦିତ୍ୟ ପ୍ରଧାନ ଓ ଫାର୍ମାସିଷ୍ଟ ଆଶାଲତା ନାୟକ ଙ୍କ ମିଲିଭଗତ ରେ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିବା ସବୁଆଡେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ଡାକ୍ତର ଆଦିତ୍ୟ ପ୍ରଧାନ ଙ୍କୁ ପଚାରିବାରୁ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ବିପିଏମ ଶ୍ରୀକାନ୍ତ ଦାସଙ୍କ ଭିଜିଟ ପରେ ଆମେ ମେଡିକାଲର ଏହି ପୁରୁଣା ଜିନିଷ ଗୁଡିକୁ ବାହାରେ ବିକ୍ରି କରିଛୁ ବୋଲି କହିଛନ୍ତି। ଅନ୍ୟ ପଟେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପାଇଁ ସରକାରଙ୍କ ପକ୍ଷରୁ ୩୦ ହଜାର ଟଙ୍କା ମେଡିକାଲ କୁ ମିଳିଥାଏ ଯେଉଁଥିରେ ମାଇକ ପ୍ରଚାର, ଲିଫଲେଟ ବଣ୍ଟନ, ଟେଣ୍ଟ ଓ ଖାଦ୍ୟ ବଣ୍ଟନ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥାଏ କିନ୍ତୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଶିବିର କୁ ଖାସମୁଣ୍ଡା ଗାଁର ଜଣେ ବ୍ୟକ୍ତିଙ୍କ ଅଧା ଗଢ଼ା ଘରେ ମାତ୍ର ପାଞ୍ଚ ରୁ ଛଅ ଜଣକୁ ନେଇ ସ୍ୱାସ୍ଥ୍ୟ ଶିବିର ସାରି ଦେଇ ସମସ୍ତ ଟଙ୍କାକୁ ଖାଇଯାଇଥିବା ଅଭିଯୋଗ ହୋଇଛି। ଯାହା ଦେଖା ଯାଇଛି ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ସରକାରୀ ନିୟମ ପାଳନ କରାଯାଉ ନାହିଁ, କେବଳ ସରକାରୀ ଟଙ୍କାକୁ ସ୍ୱାସ୍ଥ୍ୟ ସୁରକ୍ଷା ନାଁରେ ହଡପ କରାଯାଉଛି। ଏଥିନେଇ ସ୍ଥାନୀୟ ଅଞ୍ଚଳରେ ସରକାର ବଦନାମ ହେବା ସହିତ ମେଡିକାଲ ଉପରେ ଲୋକଙ୍କ ବିଶ୍ୱାସ ତୁଟି ଯାଉଛି। ଉପାନ୍ତ ଅଞ୍ଚଳରେ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି ଙ୍କୁ ଭଗବାନ ଭଳି ପୂଜା କରୁଥିବା ବେଳେ ତାଙ୍କ ନାଁ ନେଇ ପିଠି ପଟେ ଡାକ୍ତର ଆଦିତ୍ୟ ପ୍ରଧାନ ଏଭଳି ଦୁର୍ନୀତି କରି ଚାଲିଛନ୍ତି। ଯାହା ଜଣେ ଭଲ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତିଙ୍କ ନାମ ଖରାପ ହୋଇଛି।

# ଆସିକା ବ୍ଲକରେ ୩ ମାସ ହେଲା ମିଳୁନି ପେନସନ ଭତ୍ତା !

## ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ହଇରାଣ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ହିତାଧିକାରୀ

ଆସିକା, ୨୭।୧୦ (ଅଞ୍ଚକ୍ଷୀ ଓଡ଼ିଶା): ଅସହାୟ, ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଚାଲିଥିବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଆସିକା ବ୍ଲକର ଅନେକ ହିତାଧିକାରୀ ଗତ ତିନି ମାସ ହେଲା ପେନସନ ଭତ୍ତା ପାଇନଥିବା ଅଭିଯୋଗ ହୋଇଛି। ଫଳରେ ନିୟମିତ ଭତ୍ତା ଉପରେ ନିର୍ଭର କରୁଥିବା ହିତାଧିକାରୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବା ସହ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ହଇରାଣ ହେଉଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆସିକା ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତରେ ୬ ହଜାରରୁ ଅଧିକ ହିତାଧିକାରୀ ଏହି କାର୍ଯ୍ୟକ୍ରମ ଅଧୀନରେ ରହିଛନ୍ତି। ସେଥିମଧ୍ୟରୁ ପ୍ରାୟ ୩ ହଜାର ହିତାଧିକାରୀ ପେନସନ ଯୋଜନାରେ ଉପକୃତ ହୋଇଥିବା ବେଳେ ଅନ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଗତ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ମାସର ଭତ୍ତା ଟଙ୍କା ଜମା ହୋଇନଥିବା ଅଭିଯୋଗ ରହିଛି।

ଏହି ଯୋଜନାରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନସନ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ 



ବୁଧବାର ୨୮।୧୦।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

## ଏସଆଇଆର ବିରୋଦ୍ଧରେ ନୀଳଗିରି କଂଗ୍ରେସ ପକ୍ଷରୁ ବାଇକ ରାଲି

ନୀଳଗିରି, ୨୭/୧୦ (ଅକ୍ଷର ଓଡିଶା ):ଭାରତୀୟ ରାଜନୀତିରେ ବର୍ତ୍ତମାନ ଏସ.ଆଇ.ଆରକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଏକ ବଡ଼ ବିବାଦ ଉପୁଜିଛି, ଯାହାକୁ କେନ୍ଦ୍ର କରି ଦେଶବ୍ୟାପୀ ପଦଯାତ୍ରା ଓ ଆନ୍ଦୋଳନ ଚାଲିଛି । ଅଭିଯୋଗ ଅନୁସାରେ ଏସ ଆଇ ଆର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟରେ ବ୍ୟାପକ ତ୍ରୁଟି ରହିଛି ଏବଂ ଶାସକ ଦଳ ଦ୍ୱାରା ଭୋଟ ଚୋରି କରାଯାଉଛି । ଏହି କ୍ରମରେ ଆଜି ନୀଳଗିରି କଂଗ୍ରେସ ପକ୍ଷରୁ ବାଇକ ରାଲି ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି ।କଂଗ୍ରେସ ବରିଷ୍ଠନେତା ଗୌରୀ ଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଏବଂ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଅଧୀର ଜେନା ଉପସ୍ଥିତିରେ ଅପରାହ୍ନ ୩ ଘଟିକା ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ବାଇକ ରାଲିରେ ନୀଳଗିରି ସହର ପରିକ୍ରମା ପରେ ମିତ୍ରପୁର ବଜାର ଠାରେ ପହଞ୍ଚି ଥିଲେ। ପରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ନୀଳଗିରି ବ୍ଲକ ର ବିଭିନ୍ନ ପଞ୍ଚାୟତରୁ ତୃଣମୂଳ ସ୍ତରରୁ ପ୍ରାୟ ୩ ହଜାର ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିବା ବେଳେ ଡବଲ ଇଂଜିନ ସରକାରର ଭୋଟ ଚୋରି ନେଇ ବର୍ଷି ଥିଲେ ।କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ - ଯୋଗେଶ୍ୱର ବେହେରା,ଯଶୋଦା ନନ୍ଦନ ସିଂ, ଏନଏସି ସଭାପତି ଉପେନ୍ଦ୍ର ବେହେରା, ପୂର୍ବତନ ଛାତ୍ର ସଭାପତି -ଅଶ୍ୱିନୀ କୁମାର ପାତ୍ର, ରସାନନ୍ଦ ମହାପାତ୍ର,ରାମକୃଷ୍ଣ ଜେନା,ଜୟଦୀପ ସ,ଦୀପକ ସିଂ,ବାସନ୍ତୀ ସିଂପ୍ରୀତିଶଙ୍କର ମହାପାତ୍ରଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକ ପକ୍ଷରୁ ବୁଦ୍ଧଖୋଲରେ 'ଷ୍ଟାର ଅଫ୍ ବୁଗୁଡା' କାର୍ଯ୍ୟକ୍ରମ

ବୁଗୁଡ଼ା : ୨୭ /୧୦/(ଅକ୍ଷର ଓଡିଶା ) : ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାର ଦିନ ପ୍ରସିଦ୍ଧ ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ସ୍ଥାନୀୟ ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକ୍ ପକ୍ଷରୁ 'ଷ୍ଟାର ଅଫ ବୁଗୁଡା' ସିଜନ୍-୧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ଚିତ୍ରାଙ୍କନ, ନୃତ୍ୟ ,ସଙ୍ଗୀତ, ମଡେଲିଂ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ ସହ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।




ଏଥିରେ ବିଚାରକ ଭାବେ ଚିତ୍ତ ରଞ୍ଜନ ଦାଶ , ବିଭୁତି ଭୂଷଣ ମିଶ୍ର, ଭୁବନେଶ୍ୱର ରୋଟାରୀ କ୍ଲବ ସଭାପତି ସର୍ଣ୍ଣପ୍ରଭା ନନ୍ଦ, କାହ୍ନୁ ଚରଣ ବେହେରା, ତପନ ମହାପାତ୍ର, ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ସୁର୍ ବସନ୍ତ ସ୍କୁଲ ଅଫ୍ ମ୍ୟୁଜିକର ଅଧ୍ୟକ୍ଷା ସଙ୍ଗୀତ ଝରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ ବେହେରା , ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଅନନ୍ତ କର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀପତି ଦାଶ ଯୋଗ ଦେଇ ବୁଗୁଡା ଅଞ୍ଚଳରେ ନୃତ୍ୟ, ଚିତ୍ର ଓ ସଙ୍ଗୀତ ଆଦି କ୍ଷେତ୍ରର ପ୍ରତିଭାଧାରୀଙ୍କୁ ଚୟନ ଦିଗରେ ଆୟୋଜକ ସଂସ୍ଥାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଅଂଶ ଗ୍ରହଣକାରୀ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା । ସୁଖ୍ୟାତ ଗୀତିକାର ତଥା କଣ୍ଠଶିଳ୍ପୀ ଋତୁରାଜ ବସନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିଶେଷରେ ରାଜାବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝିଙ୍କିରିଆରେ ଗଜଲକ୍ଷ୍ମୀ ପୂଜା



କଟକସଦର, ୨୭ ।୧୦ (ଅକ୍ଷର ଓଡିଶା ): କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ସ୍ଥିତ ଝିଙ୍କିରିଆରେ ଗଜଲକ୍ଷ୍ମୀ ସମିତି ପକ୍ଷରୁ ଲକ୍ଷ୍ମୀପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ଗ୍ରାମବାସୀ ଓ ପୂଜା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ପୂଜା ୪ ଦିନ ଧରି ପାଳନ ହୋଇଯାଇଛି । ୨୫ ତାରିଖ ଦିନ କଳସ ଯାତ୍ରା ହୋଇଥିବା ବେଳେ ଦ୍ୱିତୀୟ ଦିନ ଭଜନ ସନ୍ଧ୍ୟା , ତୃତୀୟ ଦିନ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ବ୍ୟବସ୍ଥା ଏବଂ ୨୮ ତାରିଖ ଦିନ ୩ ଘଟିକା ସମୟରେ ଭସାଣୀ ଉତ୍ସବ କାର୍ଯ୍ୟକ୍ରମ ରହିଛି ବୋଲି ଝିଙ୍କିରିଆ ଲକ୍ଷ୍ମୀପୂଜା ସମିତି ଅନୁଷ୍ଠାନ ପକ୍ଷରୁ ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଙ୍କ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ । ଏଥିରେ ଝିଙ୍କିରିଆ ଲକ୍ଷ୍ମୀପୂଜା ସମିତି ଓ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନାଲସା ସୁରକ୍ଷିତ ଶୈଶବ ଅଭିଯାନର ଶୁଭାରମ୍ଭ



ନୂଆପଡା ୨୭/୧୦( ଅକ୍ଷର ଓଡିଶା ) ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ନୂଆପଡ଼ା ସ୍ଥିତ ଜ୍ଞାନଜ୍ୟୋତି ବିଦ୍ୟାଳୟରେ 'ସୁରକ୍ଷିତ ଶୈଶବ ଅଭିଯାନ'- ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ) ସମ୍ବନ୍ଧରେ ଏକ ସର୍ବଭାରତୀୟ ବିଦ୍ୟାଳୟ ମାନଙ୍କରେ ଏକ-ବର୍ଷୀୟ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଶିଶୁ ମଙ୍ଗଳ ସମିତି ର ସଦସ୍ୟା ତପସିନୀ ପଣ୍ଡା, ବରିଷ୍ଠ ଆଇନଜୀବୀ ତଥା ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ସଦସ୍ୟ କୁମୁଦ କୁମାର ହୋତା, ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟ ଓକିଲ ସନ୍ଥୁରାମ ସାହୁ, ବିଦ୍ୟାଳୟର ଅଧ୍ୟକ୍ଷ ମହମ୍ମଦ ଅଶରଫ, ଅଧିକାରମିତ୍ରଗଣ ଯୋଗ ଦେଇଥିଲେ । ଏହି ଅବସରରେ ସଚିବ ଓ ଅନ୍ୟାନ୍ୟ ବକ୍ତା ମାନେ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ), ଉକ୍ତ ଆଇନ ଅଧୀନରେ ଆସୁଥିବା ଅପରାଧ ଏବଂ ଦଣ୍ଡ, ପୋକ୍ସୋ ଆଇନରେ ବିଭିନ୍ନ ଧାରା, ଛାତ୍ର ଛାତ୍ରୀଙ୍କୁ ସୁରକ୍ଷିତ ସ୍ପର୍ଶ ଏବଂ ଅସୁରକ୍ଷିତ ସ୍ପର୍ଶ ତଥା ସତର୍କତାମୂଳକ ସଙ୍କେତ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ପ୍ରତ୍ୟେକ ଶିଶୁ ମାଗଣା ଆଇନ ସେବା ପାଇବା ପାଇଁ ଯୋଗ୍ୟ ବୋଲି ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅଭିଯାନର ପ୍ରଥମ ପର୍ଯ୍ୟାୟ ୨୬.୧୦.୨୦୨୬ ରୁ ୩୧.୧୦.୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ ଓ ଏହା ପରେ ଦ୍ୱିତୀୟ ପର୍ଯ୍ୟାୟ ଆଗାମୀ ଏକ ବର୍ଷ ଯାଏ ଚାଲିବ । ଯଦି କୌଣସି ଶିଶୁ କୌଣସି ପ୍ରକାରର ଯୌନ ଅପରାଧର ଶିକାର ହୁଅନ୍ତି ତା' ହେଲେ ନାଲସା ଟୋଲ-ଫ୍ରି ନମ୍ବର ୧୫୧୦୦ ଏବଂ ଶିଶୁ ହେଲ୍‌ପ ଲାଇନ ୧୦୯୮ ରେ ଯୋଗାଯୋଗ କରିବାକୁ ପ୍ରାଧିକରଣର ସଚିବ ପରାମର୍ଶ ଦେଇଥିଲେ ।

# ମୃତ୍ୟୁର ଅପେକ୍ଷାରେ ମୁଲୁଲା ଟ୍ରାନ୍ସଫର୍ମର

ରଘୁନାଥପୁର, ୨୭/୧୦(ଅକ୍ଷର ଓଡ଼ିଶା )ଜଗତସିଂହପୁର ଜିଲ୍ଲା ରଘୁନାଥପୁର ପଞ୍ଚାୟତର ଚାନ୍ଦପୁର ଗ୍ରାମରେ ଏକ ଆଚଯ୍ୟ ହେଲାଭଳି ଘଟଣା ଦେଖିବାକୁ ମିଳିଅଛି , ରଘୁନାଥପୁର ମେଡିକାଲ ଛକ ଠାରୁ ଚାନ୍ଦପୁର ଗ୍ରାମଦେଇ ଧନୀପୁରକୁ ଯାଇଥିବା ରାସ୍ତାର ମେନରୋଡ଼ କରଡେ ମୁକୁଳା ଥିବା ଟ୍ରାନ୍ସଫର୍ମ ଦୁଇଟି ବସିଅଛି । (ଏକ )ଟ୍ରାନ୍ସଫରଟି ଚାନ୍ଦପୁର ଗ୍ରାମର ଦାଶ ସାହି (ଗଡା)ଛକରେ ବସିଥିବା ବେଳେ ଅନ୍ୟ ଏକ ଟ୍ରାନ୍ସଫର ମାଧସାଇଁ (ଗଡା ) ଛକରେ ବସିରହିଅଛି ଏହି ଟ୍ରେନ୍‌ସଫର୍ମର ବସିଥିବା ପାଖା ପାଖି ଲୋକଙ୍କ ଘର, ଦ୍ୱାରା ଦୋକାନ ମାନ ରହିଅଛି ଏବଂ ଟ୍ରାନ୍ସଫର୍ମ ଦୁଇଟି ବସିଥିବାର ୨୦୦ ମିଟର ଦୂରତା ମଧ୍ୟରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟିଏ ଅଛି ଏବଂବିଦ୍ୟାଳୟ ପାଖକୁଲାଗି ଛୋଟ ଛୋଟ ପିଲା ପାଠପଢିବା ପାଇଁ ସରକାରୀ (ଅଙ୍ଗନବାଡ଼ି ) କେନ୍ଦ୍ର ଟିଏ ଅଛି । ବିଦ୍ୟୁତ ବିଭାଗଙ୍କର ଦାୟିତ୍ୱହୀନ ଓ ଖାମ ଖ୍ୟାଲି ମନଭାବ ଯୋଗୁ ମୁକୁଳା ଅବସ୍ଥାରେ ଟ୍ରାନ୍ସଫର୍ମ ଦୁଇଟି ପଡିଅଛି ।

### ବିଭାଗୀୟ ଅଧିକାରୀଙ୍କ ପଡୁନି ନଜର



ମୁକୁଳା ଟ୍ରାନ୍ସଫର୍ମ ଦୁଇଟି ଏତେକମ ଉଚ୍ଚତା ବସିଛି ଯାଫଳରେ କି ଚାନ୍ଦପୁର ଅଞ୍ଚଳବାସି ଆତଙ୍କିତ ଅବସ୍ଥାରେ ରହିଅଛନ୍ତି । ନିୟମ ଦୃଷ୍ଟି ଅନୁସାରେ ଟ୍ରାନ୍ସଫର୍ମର ବସିଥିବା ଚାରିପାଖରେ କଂକ୍ରିଟର ବାଡ କିମ୍ବା ଲୁହଖର ଜାଲିଲାଗିବା ସହସୁରକ୍ଷା ସୂଚନା ଫଳକ କବଚ ଲଗାଯିବାକଥା । କିନ୍ତୁ ଏହି ଟ୍ରାନ୍ସଫର୍ମ ଦୁଇଟିରେ (ନା) 'ଅଛି କଂକ୍ରିଟବାଡ (ନା) ଅଛି ଲୁହାର ଜାଲି (ନା) ଅଛି କୌଣଷି ସୁରକ୍ଷା ଫଳକ । ଗୋଟିଏ ପଟେ ଟାଟା ପାୱାର ଗ୍ରହକଙ୍କ ସୁରକ୍ଷାପାଇଁ (ବଡ଼ ବଡ଼ )ଦାବିକରୁଥିବା ବେଳ ଅନ୍ୟପଟେରାସ୍ତା କଡରେ ବିପଦପୁର୍ଣ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର ଛବି ଦେଖୀବାକୁମିଳିଛି । ବର୍ଷା ଦିନେ କିମ୍ବା ଅନ୍ଧାର ସମୟରେ ଯଦି କୌଣସି ଅସାବଧାରଣତା ଯୋଗୁ(ବଡ଼)ଧାରଣର ଅପ୍ରୀତିକର ଘଟଣା ଯଦିଘଟେ ସେଥିପତି କିଏଦାଇ ହବବୋଲି ତାହା ପ୍ରଶ୍ନବାଚି ସୁଷ୍ଟି କରିବା ସହ କଂପାନୀର ଖାମଖିଆଲି ମନଭାବ ବେପୁରିଆ ନୀତିକୁ ପଦାରେ ପକାଇଦେଇଛି । ଏନେଇ ସ୍ଥାନୀୟଲୋକେ ଇଲେଟ୍ରି ବିଭାଗ୍ୟୟ କତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକ୍ରଷଣ କରୀ ଥିଲେସୁଧା କୌଣସି କାଯ୍ୟ ଅନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ତୁରନ୍ତ ଏହି ମୁକୁଳା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷାର ବକ୍ଷଡ ନିମାଣ କରିବାକୁ ଚାନ୍ଦପୁର ଅଞ୍ଚଳବାସି ଅନ୍ୟର ଉପକାରବ୍ୟକ୍ତି (ବୁଲୁଭାଇ) ଓ ବିଜୟ ଭୋଇ ,ମହେଶ୍ୱେର ସାହୁ , ରମେଶ ପାତ୍ର , ଯାଦବେନ୍ଦ୍ର ପଶାୟତ, ଡ଼ମ୍ବରୁଧର ବେହେରା ,କୈଳାସ ବେହେରା ଅକ୍ଷୟ ଭୋଇ , କୁଷ୍ଣ ନାଏକ ,କ୍ଷୀର ଦାସ ମାନେ ଦୃଢଦାବି କରିଅଛନ୍ତି ।

## ବ୍ରହ୍ମପୁର ସହରରେ ଜଳବନ୍ଦୀ ସମସ୍ୟାର ନିରାକରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନାଳ ସଫେଇ

ବ୍ରହ୍ମପୁର : ୨୭/୧୦ ( ଅକ୍ଷର ଓଡ଼ିଶା ) ବ୍ରହ୍ମପୁର ସହରରେ ଜଳବନ୍ଦୀ ସମସ୍ୟାର ନିରାକରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନାଳ ସଫେଇ କାର୍ଯ୍ୟର ତଦାରଖ କଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ । ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶାର ଅନ୍ୟତମ ପ୍ରମୁଖ ବ୍ରହ୍ମପୁର ସହରରେ ଜଳବନ୍ଦୀ ସମସ୍ୟାର ନିରାକରଣ ତଥା ଜଳର ସୁଗମ ନିଷ୍କାସନ ପାଇଁ ନାଳ ସଫେଇ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର କରାଯାଇଛି । ଗାୟତ୍ରୀ ବିହାରସ୍ଥିତ ସୂର୍ଯ୍ୟ ନାଳ, ବାଞ୍ଚାଦେଇ ନଗରସ୍ଥିତ ବାହାନା ନାଳ ସମେତ ସହରର ବିଭିନ୍ନ ପ୍ରମୁଖ ନାଳରୁ ପଙ୍କ, ଆବର୍ଜନା ଓ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ସାମଗ୍ରୀ ସଫା କରାଯାଉଛି । ବ୍ରହ୍ମପୁର ମହାନଗର ନିଗମ ଓ ସଂଯୋଜିତ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ସଫେଇ କାର୍ଯ୍ୟର ତଦାରଖ କରିବା ସହ ସହରର ଜଳ ନିଷ୍କାସନ ବ୍ୟବସ୍ଥାର ସମୀକ୍ଷା କରିଥିଲେ ।ସମ୍ଭାବ୍ୟ ବର୍ଷା ସମୟରେ ନାଳଗୁଡ଼ିକରେ ଯେପରି ଜଳ ପ୍ରବାହ ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଜେନା



ନିର୍ଦ୍ଦେଶ ଦେଇଥିଲେ ।ପୂର୍ବ ବର୍ଷା ସମୟରେ ଯେଉଁ ସ୍ଥାନଗୁଡ଼ିକରେ ଜଳ ନିଷ୍କାସନରେ ବାଧା ଯୋଗୁଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା, ସେହି ଅଞ୍ଚଳଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ସଫେଇ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ନାଳଗୁଡ଼ିକର ସ୍ଥିତି ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ସହରରେ ଜଳବନ୍ଦୀ ସମସ୍ୟାକୁ ହ୍ରାସ କରିବା, ଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବା ଏବଂ ସହରବାସୀଙ୍କ ଜନଜୀବନକୁ ସାଭାବିକ ରଖିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସମନ୍ୱିତ ଭାବେ ପ୍ରସ୍ତୁତି ଜାରି ରହିଛି ।

### ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକାଦାରଯନ୍ତ୍ରୀ ଭାଗିଦାରୀ ଅଭିଯୋଗ

## ରାସ୍ତା କାମରେ ଅନିୟମିତତା ନେଇ ଭିଜିଲାନ୍ସ ତଦନ୍ତ ଦାବି

ନିମାପଡ଼ା, ୨୭/୧୦/(ବିଜୟ ବେହେରା): ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଚାରିଛକ ଅଞ୍ଚଳରେ ଗତ ପ୍ରାୟ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ରାସ୍ତା କାମକୁ ନେଇ ଗୁରୁତର ଅନିୟମିତତାର ଅଭିଯୋଗ ଉଠିଛି । ବିଭାଗୀୟ ଯନ୍ତ୍ରୀ ଓ କେତେକ ଠିକାଦାରଙ୍କ ମଧ୍ୟରେ କଥିତ ମିଳିଭଗତରେ ବିନା ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟାରେ କାମ କରାଯାଇ ନିମ୍ନମାନର ନିର୍ମାଣ ମାଧ୍ୟମରେ ସରକାରୀ ଅର୍ଥର ଅପବ୍ୟୟ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଅଭିଯୋଗ ଅନୁଯାୟୀ, ଗତ ଚାରିପାଞ୍ଚ ମାସ ପୂର୍ବେ ତୁଳସୀପୁରତେନ୍ତୁଗୁଆ ରାସ୍ତା, ତୁଳସୀପୁରସାନହୁଲି ରାସ୍ତା ଏବଂ ଭଇଁଚିଗୋରଡ଼ିଠାରୁ ଚାରିଛକ ମେଡିକାଲ ପର୍ଯ୍ୟନ୍ତ ରାସ୍ତାରେ ତରବରିଆ ଭାବେ ଇଟା ପକାଇ କାମ କରାଯାଇଥିଲା ।ଅନ୍ୟପକ୍ଷରେ, ଅଞ୍ଚଳର ଅନେକ ଶ୍ରମିକ କାମ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ ଭଳି କାର୍ଯ୍ୟରେ ମଧ୍ୟ ଶ୍ରମିକଙ୍କ ବଦଳରେ ମେସିନ୍ ବ୍ୟବହାର କରାଯାଉଥିବା କୁହାଯାଇଛି । ଏହାକୁ ନେଇ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଥିବା ଜଣାପଡ଼ିଛି ।କେଉଁ କାମ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଥିଲା, କେଉଁ ପ୍ରକ୍ରିୟାରେ କାମ ବଣ୍ଟନ ହୋଇଥିଲା, ଟେଣ୍ଡର ହୋଇଥିଲା କି ନାହିଁ, କାମର ମାନ ଓ ବିଲ୍ ପ୍ରଦାନରେ ନିୟମ ପାଳନ ହୋଇଛି କି ନାହିଁଏସବୁର ଯାଞ୍ଚ ପାଇଁ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ଗତ ଦୁଇ ବର୍ଷର ରାସ୍ତା କାମ ଉପରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଦାବି ଉଠିଛି ।ସାଧୀନ ତଦନ୍ତ ହେଲେ ଅଭିଯୋଗର ସତ୍ୟତା ସହ ସରକାରୀ ଅର୍ଥ ବ୍ୟୟର ପ୍ରକୃତ ଚିତ୍ର ଲୋକଲୋଚନକୁ ଆସିପାରିବ ବୋଲି ନିମାପଡ଼ା ଅଞ୍ଚଳରେ ମତ ପ୍ରକାଶ ପାଉଛି । ଏନେଇ ସମ୍ପୃକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଠିକାଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରତିକ୍ରିୟା ମିଳିଲେ ତାହାକୁ ମଧ୍ୟ ପ୍ରକାଶ କରାଯିବ ।

## ଇଂଚା ଫାଟକ ସମ୍ମୁଖରେ ବିସ୍ଥାପିତଙ୍କ ଆନ୍ଦୋଳନ: ଅଚଳ ହେଲା ପରିବହନ

ଯାଜପୁର, ୨୭/୧୦ (ଅକ୍ଷର ଓଡ଼ିଶା): କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯଖପୁରା ଠାରେ ନୂତନ ଭାବେ ଗଢ଼ିଉଠିଥିବା ଇଂଚା ଷ୍ଟିଲ କାରଖାନାରେ ଶ୍ରମିକ ଓ ବିସ୍ଥାପିତ ଅଶାନ୍ତି ଦେଖାଦେଇଛି । କାରଖାନା ନିର୍ମାଣ ପାଇଁ ଭିଟାମାଟି ହରାଇଥିବା ୭୯ଟି ବିସ୍ଥାପିତ ପରିବାରର ଯୋଗ୍ୟ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଶତାଧିକ ବିସ୍ଥାପିତ ମଙ୍ଗଳବାର ଦିନ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ । ଆନ୍ଦୋଳନକାରୀମାନେ କାରଖାନାର ସମସ୍ତ ପରିବହନ 

ଆମ ଓଡ଼ିଶା

ବୁଧବାର ୨୮ ।୧୦ ।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

## ରଣପୁର ବ୍ଲକ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ରଣପୁର ୨୭/୧୦ (ଯଦୁନାଥ ସାମନ୍ତରାୟ )ନୟାଗଡ଼ ଜିଲ୍ଲା ରଣପୁର ବ୍ଲକରେ ନୂତନ ବିଡ଼ିଓ ଅଶ୍ୱିନୀ କୁମାର ମହାପାତ୍ର ଦାୟୀତ୍ୱ ଗ୍ରହଣ କରିଥିବାରୁ ରଣପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଅଛି ! ଏହି କାର୍ଯ୍ୟକ୍ରମରେ ରଣପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ଶାଖା ସମ୍ପାଦକ ସାମ୍ବାଦିକ ମଧୁ ସୁଦନ ପରିଡାଙ୍କ ସମେତ ଅଶିତ ରଞ୍ଜନ ପରିଡା,ରଞ୍ଜିତ କୁମାର ସାହୁ,ଯଦୁନାଥ ସାମନ୍ତରାୟ, ମାନସ କୁମାର ସାହୁ,ରୀନା ସାହୁ ଓ କ୍ରୀଷ୍ଣା ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ ନୂତନ ବିଡ଼ିଓ ଶ୍ରୀ ମହାପାତ୍ରଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ନୂତନ ବିଡ଼ିଓ ଶ୍ରୀ ମହାପାତ୍ର ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରୁ ବଦଳି ହୋଇ ରଣପୁର ବ୍ଲକକୁ ଆସିଛନ୍ତି । ଏଠାରେ ପୂର୍ବରୁ ଥିବା ବିଡ଼ିଓ ମନୋଜ କୁମାର ନାୟକଙ୍କ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକକୁ ବଦଳି ହୋଇଛନ୍ତି । ରଣପୁର ବ୍ଲକ ଅଞ୍ଚଳରେ ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା, ଶିକ୍ଷା କ୍ଷେତ୍ରକୁ ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକୁ ଶୀଘ୍ର ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ନୂତନ ବିଡ଼ିଓ ଅଶ୍ୱିନୀ କୁମାର ମହାପାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ !

## ବାତ୍ୟା ଅର୍ଣ୍ଣବ ମାଲକାନଗିରିରେ ବ୍ୟାପକ ସ୍ଥାନାନ୍ତର ଓ ସୁରକ୍ଷା ବ୍ୟବସ୍ଥା

# ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ



ମାଲକାନଗିରି--୨୭/୧୦/(ପ୍ରଦୀପ ରାଉଳ)ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ମୁକାବିଲା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି । ଜିଲ୍ଲାରେ ଶୂନ୍ୟ ଜୀବନହାନି ଲକ୍ଷ୍ୟ ନେଇ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମାଧ୍ୟମରେ ୧,୦୦୧ ଜଣ ବିପନ୍ନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି ।ସରକାରୀ ରିପୋର୍ଟ ଅନୁଯାୟୀ, ଉଦ୍ଧାର ହୋଇଥିବା ୧,୦୦୧ ଜଣ ବିପନ୍ନଙ୍କ ମଧ୍ୟରେ ୩୮୪ ଜଣ ପୁରୁଷ, ୩୪୨ ଜଣ ମହିଳା ଏବଂ ୨୭୫ ଜଣ ଶିଶୁ ସାମିଲ ଅଛନ୍ତି, ଯେଉଁଥିରେ ସର୍ବାଧିକ ୪୭୩ ଜଣଙ୍କୁ କୋରୁକୋଣ୍ଡା ବ୍ଲକ୍‌ରୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ପ୍ରଶାସନ ପକ୍ଷରୁ ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ବିଶେଷ ପ୍ରାଥମିକତା ଦିଆଯାଉଛି । ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ତାରିଖ ଥିବା ଜିଲ୍ଲାର ୫୯୯ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୬ ଜଣଙ୍କୁ ବିଭିନ୍ନ ମା ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ୭୧ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିରାପଦରେ ସ୍ଥାନାନ୍ତର କରାଯାଇସାରିଛି ।ଜରୁରୀକାଳୀନ ମୁକାବିଲା ପାଇଁ ଚିତ୍ରକୋଣ୍ଡା ଓ ମାଥିଲି ବ୍ଲକ୍‌ରେ ୫ଟି ଓଡ୍ରାଫ୍ ଟିମ୍, କାଲିମେଳାରେ ୧ଟି ଏନଡିଆରଏଫ ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି । ଜିଲ୍ଲାର ୪ଟି ମୁଖ୍ୟ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପଡ଼ିଆ ବ୍ଲକର ଗିରକାନପଲ୍ଲୀ, କାଲିମେଳାର ମୋଟୁ ଓ ବାଡ଼ିଲି, ଏବଂ ମାଥିଲି ବ୍ଲକର ଭୁଙ୍ଗିଆପୁଟଠାରେ ଜେନେରେଟର, ପାୱାର ସ', ଆସ୍କା ଟାୱାର ଲାଇଟ୍ ଏବଂ ମାଗଣା ରନ୍ଧା ଖାଦ୍ୟର ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି । ସେହିପରି ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୧,୮୪୩ ପ୍ୟାକେଟ୍ ପଲିଥିନ୍ ରୋଲ୍, ୨,୧୮,୫୬୬ ପ୍ୟାକେଟ୍ ଓଆରଏସ , ୩,୮୬୦ ଭାଏଲ୍ ଆଣ୍ଟି-ସ୍ନେକ୍ ଭେନମ୍ , ୨୭,୦୦୦ଟି ହାଲୋଜେନ୍ ବଟିକା ଏବଂ ୧୩୦ କ୍ୱିଣ୍ଟାଲ ଚୁଡ଼ା ଓ ୧୦୦ କ୍ୱିଣ୍ଟାଲ ଚିନି ଜିଲ୍ଲା କେନ୍ଦ୍ରୀୟ ରିଜର୍ଭରେ ସଞ୍ଚିତ ରଖାଯାଇଛି ।ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି ଗସ୍ତ କରି ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କରିଛନ୍ତି । ସେ ମାଥିଲି ବ୍ଲକର ଭୁଙ୍ଗିଆପୁଟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବରିଷ୍ଠ ଆଇଏଏସ ଅଫିସର ଡ. ୟେଦୁଲା ବିଜୟ ଏବଂ ଜିଲ୍ଲାପାଳପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ଉପସ୍ଥିତିରେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି । ପ୍ରଶାସନ ପକ୍ଷରୁ ଜିଲ୍ଲାର ପ୍ରମୁଖ ଜଳମଗ୍ନ ପ୍ରବଣ ଅଞ୍ଚଳ, ପାଙ୍ଗାମ, ଏମଭି-୦୭, କାଙ୍ଗୁରୁକୋଣ୍ଡା, ପୋଟେରୁ, ଏମଭି-୯୦, ଏମଭି-୯୬, ମହାରାଜପଲ୍ଲୀ, କନ୍ୟାଶ୍ରମ ଓ ଚଲାନଗୁଡ଼ା ଭଳି ସମ୍ବେଦନଶୀଳ ପୋଲ ଏବଂ ବୋଣ୍ଡାଘାଟି, ମାଙ୍କଡ଼ଝୋଲା, ନାକାମାମୁଡ଼ି-ବାୟାପଡ଼ା ରାସ୍ତା ଭଳି ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି । ସଡ଼କ ପରିବହନ ବାଧାପ୍ରାପ୍ତ ହେଲେ ତୁରନ୍ତ ବିକଳ୍ପ ରୁଟ୍ ବ୍ୟବହାର ପାଇଁ ଆରଟିଓ ପକ୍ଷରୁ ମାଷ୍ଟର ରୁଟ୍ ପ୍ଲାନ୍ ଚୂଡ଼ାନ୍ତ କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ପାଇଁ ଫୋନ୍ ନମ୍ବର ୦୬୮୬୧-୨୩୧୩୭୨, ଟୋଲ୍ ଫ୍ରି ନମ୍ବର ୧୦୭୭ ଏବଂ ଇମେଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି ।

## ପୁରୁଷୋତ୍ତମପୁର ବ୍ଲକର ୬ଗୋଟି ବନ୍ୟା ଆଶ୍ରୟ ସ୍ଥଳୀର ସ୍ଥିତି ପରଖିଲେ ତହସିଲଦାର



ପୁରୁଷୋତମପୁର ୨୭/୧୦/ (ଅକ୍ଷର ଓଡିଶା )ପୁରୁଷୋତ୍ତମପୁର ବ୍ଲକ ରେ ବାତ୍ୟା ଅର୍ଣ୍ଣବ ର ପ୍ରଭାବ ନିମନ୍ତେ ବ୍ଲକରେ ଥିବା ଛ ଗୋଟି ବନ୍ୟା ଆଶ୍ରୟ ସ୍ଥଳୀକୁ ଯାଇ ତାର ସ୍ଥିତି ପରଖିଲେପୁରୁ ଷୋତ୍ତମ ପୁର ତହସିଲଦାର ଓ ବ୍ଲକ ଷ୍ଟାଫ । ଏହି ବାତ୍ୟା ଆଶ୍ରୟ ସ୍ଥଳୀର ସ୍ଥିତି ପରଖି ଛନ୍ତି ତହସିଲଦାର ।ସେହି ପଞ୍ଚାୟତ ଗୁଡିକ ର କଚା ଘରେ ଥିବା ଲୋକମାନଙ୍କୁ ଏବଂ ଗୃହ ପାଳିତ ପଶୁ ମାନଙ୍କୁ ଏଠାରେ ସୁରକ୍ଷିତ ରଖିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ତା କରା ଯିବା ସହ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଦେବାର ପ୍ରଶାସନ ଦ୍ୱାରା କରାଯାଇଛି ।କୌଣସି ଲୋକ ବର୍ଷା ଓ ବାତ୍ୟା ସମୟରେ ଜିରୋ କାଜୁଆଲିଟି ରେ ଯେପରି ଉପକୃତ ହେବେ ସେଥିପାଇଁ ସମସ୍ତ ମୁକାବିଲା ନିମନ୍ତେ ଫାୟାର ଠାରୁ ପୋଲିସ ଓ ବ୍ଲକ ଏବଂ ତହସିଲ ଷ୍ଟାଫ ପ୍ରସ୍ତୁତ ଥିବାର କହି ଛନ୍ତି ତହସିଲଦାର । ସେମାନଙ୍କ ସହିତ ଏଟିଓ ଦେବାଶିଷ ବାବୁ, ବ୍ଲକ ଏଇଓ ବାଗଭୂଷଣ ଯାଦବ, ଜିପିଓ ରାଜେନ୍ଦ୍ର ପ୍ରସାଦ ଗୁରୁ,ପୂର୍ବତନ ଜିପିଓତଥା ରାଇପୁର ପିଇଓ ମୀନକେତନ ବେହେରା,ବିଏସ ଏସ ଓ କାହ୍ନୁ ଚରଣ ସୋରେନ, ରାଇପୁର ଆରାଇ ଭଗବାନ ବେହେରା, ଓ ଅନ୍ୟନ୍ୟ ବ୍ଲକ ଏବଂ ତହସିଲ ଷ୍ଟାଫ ଉପସ୍ଥିତ ଥିଲେ ।

## କୁନି କୁନି ପିଲାଙ୍କ ଭବିଷ୍ୟତ ଗଢ଼ିବା କେନ୍ଦ୍ର ପାଲଟିଛି ମରଣଯନ୍ତ୍ର।



ରାଇଘର ୨୭/୧୦ (ଭୁବନେଶ୍ୱର ସୁନାନୀ): କୁନି କୁନି ପିଲାଙ୍କ ହସରେ ଗୁଞ୍ଜରିତ ହେବା କଥା ଅଙ୍ଗନୱାଡ଼ି କେନ୍ଦ୍ର। ହେଲେ ଯେଉଁଠି ଶିଶୁଙ୍କ ଭବିଷ୍ୟତର ମୂଳଦୁଆ ଗଢ଼ାଯିବା କଥା, ସେହି କେନ୍ଦ୍ର ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଘରର ଦୟନୀୟ ସ୍ଥିତି ଯୋଗୁଁ କେତେବେଳେ ଅଘଟଣ ଘଟିବ, ତାହା କହିହେବ ନାହିଁ । ଶିଶୁଙ୍କ ସୁରକ୍ଷା ପ୍ରତି ଏଭଳି ବିପଦ ଥିବାରୁ ଅଙ୍ଗନୱାଡ଼ି ଦିଦି ଗାଁର ଗୋଷ୍ଠୀ କେନ୍ଦ୍ରରେ କୁନି କୁନି ପିଲାଙ୍କୁ ପ୍ରାକ୍‌ଶିକ୍ଷା ଦେଉଥିବା ଦେଖିବାକୁ ମିଳିଛି ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ମୁଣ୍ଡିବେଡ଼ା ପଞ୍ଚାୟତର ଭିମାଟିକରା ଗାଁ ଅଙ୍ଗନୱାଡ଼ି କେନ୍ଦ୍ରର ଏଭଳି ଅବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରର ଦୁରବସ୍ଥା ସମ୍ପର୍କରେ ବାରମ୍ବାର ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ଫଳରେ ନିଜ କେନ୍ଦ୍ରରେ ପିଲାଙ୍କୁ ପଢ଼ାଇବା ପରିବର୍ତ୍ତେ ଅନ୍ୟ ସ୍ଥାନରେ ପ୍ରାକ୍‌ଶିକ୍ଷା ଦେବାକୁ ପଡୁଛି ।ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ନିୟମିତ ପରିଦର୍ଶନ ଓ ତଦାରଖ ପାଇଁ ଦାୟିତ୍ୱରେ ଥିବା ସୁପରଭାଇଜର ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ'ଣ ଏହି ସମସ୍ୟା ଜାଣିପାରୁନାହାନ୍ତି ଯଦି ଜାଣିଛନ୍ତି, ତେବେ ଏଯାଏଁ ସମାଧାନ ହୋଇନାହିଁ କାହିଁକି ଅଧିକାରୀଙ୍କ ପରିଦର୍ଶନ କେବଳ କାଗଜପତ୍ରରେ ସୀମିତ ରହୁଛି କିକେବଳ ଭିମାଟିକରା ନୁହେଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅନେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଭିତ୍ତିଭୂମି ସମସ୍ୟା ଥିବା ନେଇ ଅଭିଯୋଗ ହେଉଛି । କେଉଁଠି ପାଚେରି ନାହିଁ, ତ ଆଉ କେଉଁଠି ପାନୀୟ ଜଳର ସୁବିଧା ନାହିଁ । ଶିଶୁଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପ୍ରାରମ୍ଭିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧାର ଅଭାବ ରହିବା ଚିନ୍ତାଜନକ ।ସରକାର ଶିଶୁଙ୍କ ଶିକ୍ଷା ଓ ପୋଷଣ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ, ଏହାର ଦୃଶ୍ୟ ଦେଖିବାକୁ ମିଳିଛି ଭିମାଟିକରାରେ ।ତେଣୁ ସମ୍ପୃକ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଭିମାଟିକରା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିବା ସହ ଆବଶ୍ୟକ ମରାମତି ଓ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପଦକ୍ଷେପ ନିଅନ୍ତୁ । ଏଥିସହ ବ୍ଲକର ଅନ୍ୟ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସ୍ଥିତି ମଧ୍ୟ ଯାଞ୍ଚ କରାଯାଉ । କୌଣସି ଅଘଟଣ ଘଟିବା ପରେ ନୁହେଁ, ତା' ପୂର୍ବରୁ ପ୍ରଶାସନ ଚେତିବା ଆବଶ୍ୟକ । କାରଣ, ଶିଶୁଙ୍କ ସୁରକ୍ଷାରେ ଅବହେଳା ହେଲେ ତାହାର ମୂଲ୍ୟ ଅତ୍ୟନ୍ତ ଭୟାବହ ହୋଇପାରେ ।

## ପ୍ରବୃତ୍ତିର ଲକ୍ଷଣରୁ ଉଚ୍ଚ ନୀଚ ଗତି ନିର୍ଦ୍ଧାରଣ ହୁଏ : ଭାଗବତ



ନୀଳଗିରି ୨୭/୧୦ (ଅକ୍ଷର ଓଡିଶା )ଭଗବାନ ଅନନ୍ତ ଓ ଭଗବାନ ସଙ୍କର୍ଷଣ ଭଗବାନ ବିଷ୍ଣୁଙ୍କ ବସ୍ତୁତ ଅଂଶ ଅଟନ୍ତି । ସଙ୍କର୍ଷଣଙ୍କୁ ତାମସୀ ବୋଲି କୁହାଯାଏ । ସଙ୍କର୍ଷଣ ଆଧ୍ୟାତ୍ମିକ ଗୁଣର ସାଗର ହୋଇଥିବାରୁ ସେ ଅନନ୍ତଦେବ ନାମରେ ବିଦିତ । ଅସହିଷ୍ଣୁ ଓ କ୍ରୋଧବେଗ ମଙ୍ଗଳର ବାଧକ ଅଟେ । ବସ୍ତୁବାଦୀ ମଣିଷର ହୃଦୟର ମଇଳା ତାହା ସୃଷ୍ଟିର ତ୍ରିଗୁଣ ଦ୍ୱାରା ଆବଦ୍ଧ ଅଟେ । ମଇଳା ସର୍ବଦା କାମ ଭୋଗର ଅଭିଳାଷରେ ପ୍ରକଟିତ ହୁଏ । ଦିବ୍ୟଜ୍ଞାନ ମନର ମଇଳା ସଫା କରେ । ଈଶ୍ୱରଙ୍କ କାର୍ଯ୍ୟକାରଣ ପାଇଁ ବିଶ୍ୱ ପ୍ରକାଶ ପାଇଛି । ବ୍ୟକ୍ତିର କର୍ମ ଅନୁଯାୟୀ ଜୀବନର ଗତି ନିର୍ଦ୍ଧାରିତ ହୁଏ । ଉଭୟ ସକାମ ଓ ନିଷ୍କାମ କର୍ମର ଗତି ଭିନ୍ନଭିନ୍ନ ଅଟେ । ସର୍ବୋପରି ଭୌତିକ ଜୀବନ ବଡ଼ ଭୟଙ୍କର ବୋଲି ସ୍ୱର୍ଣ୍ଣବୃଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେ ଉଣେଇଶତମ ଆଭାସୀ ଭଗବତୀୟ ସନ୍ଧ୍ୟାରେ ଭାଗବତର ପଞ୍ଚମ ସ୍କନ୍ଧର ପଞ୍ଚବିଂଶ ଅଧ୍ୟାୟରେ ଅନନ୍ତଦେବଙ୍କ ମହିମା ବର୍ଣ୍ଣନା କରିବା ଅବସରରେ ଆଲୋଚକ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ନିଜମତ ଉପସ୍ଥାପନ କରିଛନ୍ତି ଶେଷରେ. ମୁମ୍ବାଇରୁ ଶ୍ରୀକାନ୍ତ ଘଡେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବାବେଳେ କୁମାରୀ ଭାର୍ଗବୀ ରାଉତ କୃତଜ୍ଞତା ଓ ବରିଷ୍ଠ ସଦସ୍ୟ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରଦ୍ଧାଳୁ ଶ୍ରୋତା ଯୋଗଦାନ କରିଥିଲେ ।

## ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥ ପାଠ



ନୟାଗଡ଼ ୨୭/୧୦ (ବିଶ୍ୱଜିତ ) :- ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ, ଓଡିଶା ସରକାର ମୋହନ ଚରଣ ମାଝୀ ଯୋଗ ଦେଇ ସକାଳ ଘ.୧୦. ୫୦ମି. ସମୟରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ତଥା ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଓସ୍ୱାନ କକ୍ଷରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ସମସ୍ତ ଡେପୁଟି କଲେକ୍ଟର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଆଦି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାଧୁତାର ଶପଥ ପାଠ କରିଥିଲେ କ୍ଷ ଦୁର୍ନୀତିକୁ ଦୂର କରିବା ସହ ସରକାରୀ କାର୍ଯ୍ୟରେ ସଚ୍ଚୋଟତା, ନିରପେକ୍ଷତା ଓ ସ୍ୱଚ୍ଛତା ବଜାୟ ରଖିବା ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଦିଗରେ ସମସ୍ତେ ନିଜ ନିଜର ଦାୟିତ୍ୱ ସଠିକ ଭାବେ ସମ୍ପାଦନ କରିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା ।

## ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପାଇଁ ଖଣ୍ଡପଡ଼ା ପ୍ରଶାସନର ପ୍ରସ୍ତୁତି



କଣ୍ଟିଲୋ, ୨୭/୧୦(ଅକ୍ଷର ଓଡ଼ିଶା): ଆସନ୍ତା କାଲି ସାମୁଦ୍ରିକ ବାତ୍ୟା ଅର୍ଣ୍ଣବ ସ୍ଥଳଭାଗ ଛୁଇଁବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସମ୍ଭାବ୍ୟ ବାତ୍ୟା ପାଇଁ ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ପୁଁ ପ୍ରସ୍ତୁତି ନେଇ ତତ୍ପରତା ପ୍ରକାଶ ପାଇଛି । ବିଧାୟକ ଇଁ ଦୁଷ୍ମନ୍ତ ସ୍ୱାଇଁ ଙ୍କ ସମେତ ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏସଡିପିଓ ସରୋଜ ସାହୁ, ଆଇଆଇସି କୃତିବାସ ହରିଚନ୍ଦନ ପ୍ରମୁଖ ପଦାଧିକାରୀ ଆଜି କଣ୍ଟିଲୋ, ସିଧାମୁଲା ଠାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ସ୍ଥିତି ପରିଦର୍ଶନ କରିଥିଲେ । ବାତ୍ୟା ବିପଦ ପାଇଁ ପ୍ରଶାସନ ସଜାଗ ଥିବା ତଥା ବାତ୍ୟା ବିପନ୍ନଙ୍କ ପାଇଁ ଆଶ୍ରୟ ସ୍ଥଳୀ ଗୁଡିକ ପ୍ରସ୍ତୁତ ରଖିବା, ଏବଂ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଇଦିଆଯିବ ବୋଲି ବିଡ଼ିଓ କହିଛନ୍ତି ।

## ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର: ୨୭ ।୧୦(ସଂଗ୍ରାମ ) ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଥିଲା। ସର୍ବମୋଟ ୫୭ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା, ଯେଉଁଥିରୁ ୪୯ଟି ବ୍ୟକ୍ତିଗତ ଓ ୦୮ଟି ସାମୂହିକ। ୫ଟି ଅଭିଯୋଗର ସ୍ଥଳରେ ହିଁ ସମାଧାନ କରାଯାଇଛି। ବାକି ଦରଖାସ୍ତଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମ ରେ ବିଭାଗୀୟ ଅଧିକାରୀ ସହ ଉଲୁଣ୍ଡା ବ୍ଲକ ଅଧିକାରୀ ସହ ସ୍ଥାନୀୟ ଜନପ୍ରତିନିଧି ଯୋଗ ଦେଇଥିଲେ ।

## ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କନ୍ଧମାଳରେ ଆସନ୍ତାକାଲି ସ୍କୁଲ ଛୁଟି

ବାଲିଗୁଡା , ୨୭/୧୦: (ଅକ୍ଷର ଓଡିଶା )ସମ୍ଭାବ୍ୟ ଭୀଷଣ ବର୍ଷା ଓ ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାରେ ଆସନ୍ତାକାଲି, ଅକ୍ଟୋବର ୨୮ ତାରିଖରେ ସମସ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିବ। ଏନେଇ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଦେଶ 

# ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ପାଇଁ କେନ୍ଦୁଝରରେ ସାଧୁତାର ଶପଥ

## ଜିଲ୍ଲାପାଳଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀଙ୍କ ସଂକଳ୍ପ ନଭେମ୍ବର ୧ ପର୍ଯ୍ୟନ୍ତ ଚାଲିବ ଦୁର୍ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୭/୧୦ (ଦିଲ୍ଲୀପ କୁମାର ସାହୁ): ସ୍ୱଚ୍ଛ ପ୍ରଶାସନ, ସଚ୍ଚୋଟ କାର୍ଯ୍ୟଶୈଳୀ ଓ ଦୁର୍ନୀତିମୁକ୍ତ ଜନସେବାକୁ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ ସହ ଦୁର୍ନୀତି ବିରୋଧରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। ଜନସାଧାରଣଙ୍କୁ ନିରପେକ୍ଷ, ସ୍ୱଚ୍ଛ ଓ ଦାୟିତ୍ୱପୂର୍ଣ୍ଣ ସେବା ଯୋଗାଇଦେବା ସହ ପ୍ରଶାସନିକ କାର୍ଯ୍ୟରେ ସଚ୍ଚୋଟତା ବଜାୟ ରଖିବା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି ।ସୋମବାର ପାଟଣା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ଗ୍ରହଣ କରିଥିଲେ। ଦେଶର ପ୍ରଗତି ଓ ସମାଜର ସାମଗ୍ରିକ ବିକାଶ ପାଇଁ ଦୁର୍ନୀତି ବିରୋଧରେ ଦୃଢ଼ ମନୋଭାବ ଗଠନ କରିବା ସହ ସରକାରୀ ଦାୟିତ୍ୱ ନିର୍ବାହରେ



ସଚ୍ଚୋଟତା ଅବଲମ୍ବନ କରିବାକୁ ଏହି ଶପଥ ମାଧ୍ୟମରେ ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ଏବଂ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ସେମାନଙ୍କୁ ଦୁର୍ନୀତିମୁକ୍ତ ପ୍ରଶାସନିକ ସେବା ଯୋଗାଇଦେବାରେ ଏଭଳି ପଦକ୍ଷେପର ଗୁରୁତ୍ୱ ରହିଛି ।ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ମଧ୍ୟ ସାଧୁତାର ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଗତ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ଓ ଉପବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, କିରଣ କୁମାର ନାଏକ, ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସୁବ୍ରତ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ବୈରାଗୀ ନାୟକ ଓ ସନ୍ତୋଷ କୁମାର ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ଶପଥ ଗ୍ରହଣ ମାଧ୍ୟମରେ ସମସ୍ତେ ନିଜିଜ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଓ ନିଷ୍ଠା ବଜାୟ ରଖିବା, ଦୁର୍ନୀତିକୁ ପ୍ରଶ୍ରୟ ନଦେବା ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।ସୂଚନାଯୋଗ୍ୟ ଯେ, ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ବିରୋଧୀ ସଚେତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦୁର୍ନୀତି ନିବାରଣ କେବଳ ସରକାର କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ; ଏହା ସମାଜର ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ତେଣୁ ସଚ୍ଚୋଟତା, ନୈତିକତା ଓ ଜନସେବା ପ୍ରତି ପ୍ରତିବଦ୍ଧତା ମାଧ୍ୟମରେ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ହିଁ ଏହି ଅଭିଯାନର ମୂଳ ବାର୍ତ୍ତା।

# ଯୋଡ଼ାରେ ଦନ୍ତାହାତୀର ଆତଙ୍କ

## ବାଚୁ ହାଟିଂରେ ଘର ଭାଙ୍ଗିଲା, କ୍ଷତିପୂରଣ ଦାବି



କେନ୍ଦୁଝର, ୨୭/୧୦ (ଦିଲ୍ଲୀପ କୁମାର ସାହୁ): କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳ ଯୋଡ଼ା ସହରରେ ଗୋଟିକିଆ ଦନ୍ତାହାତୀର ଉପଦ୍ରବ ଜାରି ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ରାତିରେ ଦନ୍ତାହାତୀଟି ସହରର ବାଚୁ ହାଟିଂ ଅଞ୍ଚଳରେ ପ୍ରବେଶ କରି ଏକ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଓ ଚିନ୍ତା ବଢ଼ିଯାଇଛି ।ସୂଚନା ଅନୁଯାୟୀ, କିଛି ଦିନ ହେଲା ଯୋଡ଼ା ସହର ଓ ଆଖପାଖ ଅଞ୍ଚଳରେ ଏହି ଦନ୍ତାହାତୀର ଚଳପ୍ରଚଳ ଲାଗି ରହିଛି। ବିଶେଷକରି ରାତି ସମୟରେ ହାତୀଟି ଜନବସତି ମଧ୍ୟକୁ ପ୍ରବେଶ କରୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବାରମ୍ବାର ଜନବସତିରେ ପ୍ରବେଶ ଯୋଗୁଁ ଘରଦ୍ୱାର ସହ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ବଢ଼ିଛି ।ଘଟଣା ପରେ ବନବିଭାଗ ତୁରନ୍ତ ହାତୀର ଗତିବିଧି ଉପରେ କଡ଼ା ନଜର ରଖିବା, ପ୍ରଭାବିତ ଅଞ୍ଚଳରେ ସଚେତନତା ବଢ଼ାଇବା ଓ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସେହିପରି ଭାଙ୍ଗିଥିବା ଘରର କ୍ଷୟକ୍ଷତି ଆକଳନ କରି ନିୟମ ଅନୁଯାୟୀ ପ୍ରଭାବିତ ପରିବାରକୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଦାବି ଉଠିଛି ।ବନ୍ୟଜନ୍ତୁ ସୁରକ୍ଷା ସହ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବନବିଭାଗ ତୁରନ୍ତ ପ୍ରଭାବୀ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

# ବାଇକ୍ ଚୋର ରାକେଟ୍‌ର ପର୍ଦ୍ଦାଫାସ୍

## ୧୧ ବାଇକ୍ ଜବତ, ୨ ଗିରଫ



କେନ୍ଦୁଝର, ୨୭/୧୦ (ଦିଲ୍ଲୀପ କୁମାର ସାହୁ): ବାଇକ୍ ଚୋରଙ୍କୁ ଆଉ ନାହିଁ ନିସ୍ତାର ! ଲଗାତାର ବାଇକ୍ ଚୋରି ଘଟଣାର ତଦନ୍ତ କରି କେନ୍ଦୁଝର ଟାଉନ୍ ପୋଲିସ ଏକ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୧୧ଟି ବାଇକ୍ ଜବତ କରିଛି ଏବଂ ଦୁଇ ଜଣଙ୍କୁ ଗିରଫ କରିଛି। ପୋଲିସର ଏହି ସଫଳତାକୁ ସାଧାରଣରେ ପ୍ରଶଂସା କରାଯାଉଛି ।ସୂଚନା ଅନୁଯାୟୀ, ଗତ ୫ରୁ ୬ ମାସ ଧରି କେନ୍ଦୁଝର ସହରର ଧରଣୀଧର ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଚିକିତ୍ସାଳୟ ସମ୍ମୁଖରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଚିକିତ୍ସା ପାଇଁ ଆସୁଥିବା ଲୋକେ ବାଇକ୍ ଚୋରିର ଶିକାର ହେଉଥିବାରୁ ଏହା ଚିନ୍ତାର କାରଣ ପାଲଟିଥିଲା ।ଏହି ଘଟଣାଗୁଡ଼ିକର ତଦନ୍ତ କରି କେନ୍ଦୁଝର ଟାଉନ୍ ପୋଲିସ ଚୋରି ରାକେଟ୍‌ର ସନ୍ଧାନ ପାଇବା ସହ ୧୧ଟି ବାଇକ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ପୋଲିସର ତଦନ୍ତ ଦକ୍ଷତା ଓ ଅପରାଧ ନିୟନ୍ତ୍ରଣ ପ୍ରତି ତତ୍ପରତାକୁ ପ୍ରତିଫଳିତ କରୁଛି ।ତେବେ ଏହି ଘଟଣାର ତଦନ୍ତ ଜାରି ରହିଛି। ଆଗକୁ ଆହୁରି ଚୋରି ବାଇକ୍ ଉଦ୍ଧାର ଏବଂ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ସମ୍ପର୍କରେ ତଥ୍ୟ ମିଳିପାରେ ବୋଲି ପୋଲିସ ଆଶା ପ୍ରକାଶ କରିଛି। କେନ୍ଦୁଝର ଟାଉନ୍ ପୋଲିସର ଏହି ସଫଳତା ବାଇକ୍ ଚୋରଙ୍କ ପାଇଁ ଚେତାବନୀ ହୋଇଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ସୁରକ୍ଷା ନେଇ ଆଶା ସଞ୍ଚାର କରିଛି। ଏଥିସହ ମେଡିକାଲ୍ ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ଗାଡ଼ି ଚୋରି ରୋକିବା ପାଇଁ ପୋଲିସର ନିୟମିତ ନଜରଦାରି ଓ ଜନସଚେତନତା ଗୁରୁତ୍ୱପୂର୍ଣ୍ଣ।

# ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ଧୂଳିଆପଶି ଚାମ୍ପିଅନ୍



ହରିଚନ୍ଦନପୁର, ୨୭/୧୦(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ଭଗାମୁଣ୍ଡା ପଞ୍ଚାୟତ ନୂଆଗାଁ ଚାନ୍ଦପଶି ସାହିର ବିବିଏସ୍କେ ସ୍ପୋର୍ଟିଂ ଆଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ତିଲିକା ୱାରିଅର, ଧୂଳିଆପଶି ୨-୦ ଗୋଲ୍‌ରେ ମା' ଶିଖରଚଣ୍ଡୀ, ଡେଙ୍କାନାଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ରେଫରି ସୁନୀଲ ଟୁଡୁ, ବରୁଣ କୁମାର ବେହେରା, କାଳନ୍ଦୀ ହେମ୍ବ୍ରମ ଓ ମିଥୁନ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । ପରମେଶ୍ୱର ବାସ୍କେ, ରାତା କଳା ଓ ମହାନ୍ତି ହେମ୍ବ୍ରମ ଧାରାବିବରଣୀ ଦେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଶିରୀଷ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ସାହୁ, ବିଜେପି ନେତା ରାଜେନ୍ଦ୍ର ମାଝୀ, ରମେଶ ମହାନ୍ତ ଓ ପ୍ରତାପରୁଦ୍ର ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଦଳକୁ ୫୦ହଜାର ଓ ରନର୍ସଅପ୍ ଦଳକୁ ୩୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ସନାତନ ମୁର୍ମୁ, ସମ୍ପାଦକ ଚୈତନ୍ୟ ହେମ୍ବ୍ରମ, ଉପଦେଷ୍ଟା ଦୁର୍ଯ୍ୟୋଧନ ମାଝୀ, ତେଲଙ୍ଗା ମାଝୀ, ବିପିନ ମାଝୀ ସହଯୋଗ କରିଥିଲେ ।

# ଜନଗଣନା-୨୦୨୭ ପାଇଁ କେନ୍ଦୁଝରରେ ପ୍ରସ୍ତୁତି ଆରମ୍ଭ

କେନ୍ଦୁଝର, ୨୭/୧୦ (ଦିଲ୍ଲୀପ କୁମାର ସାହୁ): ଆଗାମୀ 'ଭାରତର ଜନଗଣନା-୨୦୨୭'କୁ ସଫଳ, ସୁଚାରୁ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କ ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏହା ଅକ୍ଟୋବର ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଚମ୍ପୁଆ ଉପଜିଲ୍ଲାପାଳ ସୁବୋଧଦର୍ଶୀ ଯୋଶୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନଗଣନା ସହ ସମ୍ପୃକ୍ତ କର୍ମଚାରୀମାନେ ଯୋଗ ଦେଇଛନ୍ତି ।ପ୍ରଶିକ୍ଷଣରେ ଭାରତ ସରକାରଙ୍କ ଜନଗଣନା ସମ୍ପର୍କିତ ନିର୍ଦ୍ଦେଶାବଳୀ, ତଥ୍ୟ ସଂଗ୍ରହର ନିୟମ ଓ ପଦ୍ଧତି, ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ଜନଗଣନା କାର୍ଯ୍ୟର ସଠିକ୍ ପରିଚାଳନା ସମ୍ପର୍କରେ ବିସ୍ତୃତ ତାଲିମ ଦିଆଯାଉଛି। ଜନଗଣନା ସମୟରେ ପ୍ରତ୍ୟେକ ତଥ୍ୟର ଗୁରୁତ୍ୱ, ତଥ୍ୟର ଶୁଦ୍ଧତା ବଜାୟ ରଖିବା ଏବଂ ତ୍ରୁଟିକୁ ଏଡ଼ାଇବା ଦିଗରେ ଅଧିକାରୀମାନଙ୍କୁ ସଚେତନ କରାଯାଉଛି ।ଜନଗଣନା କେବଳ ଜନସଂଖ୍ୟା ଗଣନାରେ ସୀମିତ ନୁହେଁ; ଏହା ଦେଶର ଯୋଜନା ପ୍ରସ୍ତୁତି, ସମ୍ବଳ ବଣ୍ଟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ରୂପରେଖା ନିର୍ଦ୍ଧାରଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜନଗଣନାରେ ସଂଗୃହୀତ ତଥ୍ୟ ଯେପରି ସଠିକ୍, ନିର୍ଭରଯୋଗ୍ୟ ଓ ନିର୍ଭୁଲ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯାଇଛି ।ଜିଲ୍ଲାରେ ଜନଗଣନା କାର୍ଯ୍ୟକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମନ୍ୱୟ, ଦାୟିତ୍ୱବୋଧ ଓ ନିଷ୍ଠା ଅତ୍ୟନ୍ତ ଜରୁରୀ। ଏହି ଦୁଇଦିନିଆ ପ୍ରଶିକ୍ଷଣ ଆଗାମୀ ଜନଗଣନା କାର୍ଯ୍ୟରେ ଦକ୍ଷତା ବୃଦ୍ଧି ସହ ତ୍ରୁଟିଶୂନ୍ୟ ତଥ୍ୟ ସଂଗ୍ରହ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି ।

# ରାଷ୍ଟ୍ରୀୟ ଏକତା ଦିବସରେ ଯୋଗଦେବେ କେନ୍ଦୁଝରର ୪୫ ପ୍ରତିନିଧି

## ନକ୍ସଲବାଦ ମୁକ୍ତ ଭାରତ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଏକତା ନଗର ଅଭିମୁଖେ ଯାତ୍ରା

କେନ୍ଦୁଝର, ୨୭/୧୦ (ଦିଲ୍ଲୀପ କୁମାର ସାହୁ): ନକ୍ସଲବାଦ ମୁକ୍ତ ଭାରତ ଗଠନ, ଜାତୀୟ ଏକତାର ସୁଦୃଢ଼ୀକରଣ ଏବଂ ଶାନ୍ତି ଓ ବିକାଶର ବାର୍ତ୍ତା ପ୍ରସାର ଲକ୍ଷ୍ୟ ନେଇ ଗୁଜୁରାଟର ଏକତା ନଗର ଅଭିମୁଖେ ଯାତ୍ରା କରିଛନ୍ତି କେନ୍ଦୁଝର ଜିଲ୍ଲାର ୪୫ ଜଣିଆ ପ୍ରତିନିଧି ଦଳ। ଆସନ୍ତା ୩୧ ଅକ୍ଟୋବରରେ ଆୟୋଜିତ ହେବାକୁ ଥିବା 'ରାଷ୍ଟ୍ରୀୟ ଏକତା ଦିବସ-୨୦୨୬'ର ବିଭିନ୍ନ କାର୍ଯ୍ୟକ୍ରମରେ ଏହି ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ ।ଏହି ଅବସରରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଏକ ସ୍ୱତନ୍ତ୍ର ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ଏଥିରେ ଯୋଗଦେଇ ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଇବା ସହ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ।ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସରେ ଜାତୀୟ ଅଖଣ୍ଡତା, ନକ୍ସଲବାଦର ଅବସାନ ଏବଂ ଦେଶର ସୁରକ୍ଷା ବାହିନୀର ଅବଦାନକୁ ଗୁରୁତ୍ୱ ଦିଆଯାଉଛି। ଦୀର୍ଘ ବର୍ଷ ଧରି ନକ୍ସଲବାଦ ଅନେକ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ବିକାଶରେ ବାଧକ ସାଜିଥିବାବେଳେ ଏହାର ପ୍ରଭାବରୁ ମୁକ୍ତି ଲୋକଙ୍କ ମଧ୍ୟରେ ନୂତନ ଆଶା ସୃଷ୍ଟି କରିବା ସହ ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବାର ସୁଯୋଗ ସୃଷ୍ଟି କରିବ। ଶାନ୍ତି, ସଦ୍‌ଭାବନା ଓ ଜାତୀୟ ଏକତାର ଏହି ବାର୍ତ୍ତାକୁ ଦେଶବ୍ୟାପୀ ପହଞ୍ଚାଇବା ଏହି ଯାତ୍ରାର ଅନ୍ୟତମ ଉଦ୍ଦେଶ୍ୟ ।କେନ୍ଦୁଝର ଅଡିଟୋରିୟମ୍‌ଠାରୁ ଦୁଇଟି ସ୍ୱତନ୍ତ୍ର ବସ୍‌ରେ ପ୍ରତିନିଧି



ଦଳ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ସେଠାରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାତ୍ରିଯାପନ ପରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜୁରାଟର ଏକତା ନଗରକୁ ଯାତ୍ରା କରିବେ। ଏକତା ନଗରଠାରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସର ବିଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ। ଜିଲ୍ଲା ପ୍ରଶାସନ, କେନ୍ଦୁଝର ପକ୍ଷରୁ ପ୍ରତିନିଧି ଦଳକୁ ଶୁଭକାମନା ଜଣାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଯାତ୍ରା କେବଳ ଏକ ଉତ୍ସବରେ ଯୋଗଦାନ ନୁହେଁ, ବରଂ ଜାତୀୟ ଏକତା, ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପ୍ରତି ସାମୂହିକ ପ୍ରତିବଦ୍ଧତାର ଏକ ପ୍ରତୀକ ଭାବେ ବିବେଚିତ ହେଉଛି।

# ଭତ୍ତା ଟଙ୍କା ପାଉଛନ୍ତି ୪୨ରୁ ଉର୍ଦ୍ଧ୍ୱ ମୃତ ବ୍ୟକ୍ତି' ସନ୍ଦେହରେ ହାଟଡିହି ସରପଞ୍ଚ ଓ ପିଇଓ



ହାଟଡିହି: ୨୭/୧୦ (ଅମୀୟ ବରାଳ) - ସରକାର ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ସାମାଜିକ ସୁରକ୍ଷା ସହାୟତା ଯୋଗାଇ ଦେବାକୁ ଯାଇ ଭତ୍ତା ଯୋଜନା ମାସିକ ପ୍ରଦାନ କରିଥିଲା ବେଳେ,କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଡଅଁର ଗ୍ରାମ ପଞ୍ଚାୟତରେ ବର୍ଷ ବର୍ଷ ଧରି ଏହାର ବଡ଼ ଫାଇଦା ଉଠାଇ ମୃତ ବ୍ୟକ୍ତିମାନଙ୍କ ନାଁରେ ଟଙ୍କା ନେଇଯିବାକୁ ସଫଳ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଭତ୍ତା ପାଉଥିବା ବ୍ୟକ୍ତି ମୃତ୍ୟୁବରଣ ପରେ ତାଙ୍କ ନାମରେ ଆସିଥିବା ଟଙ୍କା ଅର୍ଥ ରାଶି ବିଭାଗ ପକ୍ଷରୁ ବନ୍ଦ କରାଯିବା ସହ ଉକ୍ତ ପଞ୍ଚାୟତର ଅନ୍ୟ ହିତାଧିକାରୀଙ୍କୁ ଚୟନ ପ୍ରକ୍ରିୟାରେ ଭତ୍ତା ପ୍ରଦାନ କରାଯାଇଥାଏ। କିନ୍ତୁ ଡଅଁର ପଞ୍ଚାୟତର ବହୁ ହିତାଧିକାରୀଙ୍କୁ ମୃତ ପରେ ମଧ୍ୟ ଟଙ୍କା ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଅନେକ ହିତାଧିକାରୀ ଟିପ ଚିହ୍ନ ବଳରେ ଟଙ୍କା ଉଠାଇ ନେଇଥିବା ଜଣାପଡିଛି। ଉଦାହରଣ ସ୍ୱରୂପ ଡଅଁର ପଞ୍ଚାୟତର ଡଅଁର ଗ୍ରାମର ଶଂକିରି ଦାସ ୨୦୨୨ ମସିହାରେ ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ନାମରେ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଭତ୍ତା ଟଙ୍କା ଦିଆଯାଉଛି। ସେହିପରି ରାଧାନଗର ପାଟଣା ଗ୍ରାମର ସୁଶୀଳା ସାହାଣୀଙ୍କର ଆଜକୁ ୧୪ ମାସ ହେଲା ମୃତ୍ୟୁ ହୋଇଥିଲା ବେଳେ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଇ ନେଇଥିବା କୁହାଯାଇଛି। ଏହିପରି ଭାବେ ୪୨ରୁ ଉର୍ଦ୍ଧ୍ୱ ମୃତ ବ୍ୟକ୍ତି ଯଥା ଘନଶ୍ୟାମ ଜେନା,ଅନାମ ବେହେରା, ହେମଲତା ଜେନା,ମୂଳିଆ ଜେନା,ସଖି ଜେନା, ରତ୍ନା ଦାସ, ଲୋଚନ ଦେଓ, କନକଲତା ଓଝା, କୌଶଲ୍ୟା ଜେନାଙ୍କ ନାଁ 

### ବିଦ୍ୟୁତ ଫାଶରେ ଦନ୍ତାର ଜୀବନ ଗଲା

# ହାତୀ ମୃତ୍ୟୁ ଘଟଣାରେ ୩ ଶିକାରୀ ଗିରଫ



ଆଠମଲ୍ଲିକ, ୨୭/୧୦:(ଅକ୍ଷର ଓଡିଶା ) ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ଘଟଣାରେ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ହଣ୍ଡପା ବନାଞ୍ଚଳର ଦନ୍ତାରିଖୋଳ ସଂରକ୍ଷିତ ଜଙ୍ଗଲରେ ଏହି ଘଟଣା ଘଟିଛି । ମୃତ ହାତୀର ବୟସ ପ୍ରାୟ ୧୦ରୁ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଏହି ଘଟଣା ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଜଙ୍ଗଲରେ ବନ ବିଭାଗର ରାତ୍ରିକାଳୀନ ପାଟ୍ରୋଲିଂକୁ ନେଇ ପ୍ରଶ୍ନ ଉଠାଇଛି ।ସୂଚନା ଅନୁଯାୟୀ, ସୋମବାର ହାତୀଟି ସଂରକ୍ଷିତ ଜଙ୍ଗଲରୁ ଝିଲ୍ଲୀମୁଣ୍ଡା ଗ୍ରାମ ଆଡ଼କୁ ଯାଉଥିବା ସମୟରେ ବିଦ୍ୟୁତ ଆଘାତର ଶିକାର ହୋଇଥିଲା । ଏହି ଘଟଣାରେ ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ ତାର ବିଛାଯାଇଥିବା ସନ୍ଦେହ କରାଯାଉଛି । ହଣ୍ଡପା ବନାଞ୍ଚଳର ପେଡ଼ିପଥର ସେକ୍ସନ ଅଧୀନରେ ଘଟିଥିବା ଏହି ଘଟଣାରେ ୩ ଜଣଙ୍କ ଗିରଫଦାରୀ ପରେ ବନ୍ୟପ୍ରାଣୀ ଶିକାର ରୋକିବା ନେଇ ବନ ବିଭାଗର ପଦକ୍ଷେପ ଚର୍ଚ୍ଚାକୁ ଆସିଛି । ଅନ୍ୟପକ୍ଷରେ, ଜଙ୍ଗଲରେ ବେଆଇନ ବିଦ୍ୟୁତ ଫାଶ ବିଛାଯିବା ଏବଂ ଏଭଳି ଘଟଣା ରୋକିବା ପାଇଁ ନିୟମିତ ରାତ୍ରିକାଳୀନ ପାଟ୍ରୋଲିଂର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି । ହାତୀ ମୃତ୍ୟୁର ପ୍ରକୃତ ପରିସ୍ଥିତି ଏବଂ ଗିରଫ ଅଭିଯୁକ୍ତଙ୍କ ସମ୍ପୃକ୍ତି ସମ୍ପର୍କରେ ଅଧିକ ତଥ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ ।

# ବରଙ୍ଗ ପଞ୍ଚାୟତରେ ଜନଶୁଣାଣି ଶିବିର ପ୍ରହସନ

### ଅଧିକାଂଶ ଅଧିକାରୀଙ୍କ ଅନୁପସ୍ଥିତି, ଦୁଇଟି ଅଭିଯୋଗରେ ସୀମିତ ରହିଲା କାର୍ଯ୍ୟକ୍ରମ



ପାତ୍ରପୁର ୨୭.୧୦ (କୁରସ ରେଡ୍ଡୀ ), ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରରେ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି । ହେଲେ ଏହି କାର୍ଯ୍ୟକ୍ରମର ବାସ୍ତବ ଚିତ୍ର ପାତ୍ରପୁର ବ୍ଲକ ଅନ୍ତର୍ଗତ ବରଙ୍ଗ ପଞ୍ଚାୟତରେ ଭିନ୍ନ ଦେଖିବାକୁ ମିଳିଛି । ସୋମବାର ଆୟୋଜିତ ଜନଶୁଣାଣି ଶିବିରରେ ଅଧିକାଂଶ ଅଧିକାରୀ ଅନୁପସ୍ଥିତ ରହିବାରୁ ମାତ୍ର ଦୁଇଟି ଅଭିଯୋଗରେ କାର୍ଯ୍ୟକ୍ରମ ସୀମିତ ରହିଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ପଞ୍ଚାୟତ ପିଇଓ, ଏଡିଇଓ, ଯୋଗାଣ ସହାୟକ, ସରପଞ୍ଚ, ଶ୍ରମ ବିଭାଗ ଅଧିକାରୀ, ମତ୍ସ୍ୟ ବିଭାଗ କର୍ମଚାରୀ, ପୁଲିସ କନଷ୍ଟେବଳ ଓ କୃଷି ବିଭାଗ ପ୍ରତିନିଧିଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିଲା ।ଶିବିର ଆରମ୍ଭ ହେବା ପରେ ସକାଳ ପ୍ରାୟ ୧୦ଟା ସମୟରେ ତହସିଲଦାର ପହଞ୍ଚିଥିଲେ । ପରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ ପୁଣି ଶିବିର ସ୍ଥଳରେ ପହଞ୍ଚି ଦୁଇଟି ଅଭିଯୋଗ ଶୁଣିଥିଲେ । ଗୋଟିଏ ଅଭିଯୋଗ ଆବାସ ଯୋଜନା ବିଷୟରେ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ନଥିଲେ । ସେହିପରି ଦ୍ୱିତୀୟ ଅଭିଯୋଗ ଭତ୍ତା ବିଷୟରେ ହୋଇଛି । କିନ୍ତୁ ବ୍ଲକ ବିଏସଏସଓ ଉପସ୍ଥିତ ନଥିବାରୁ ଦୁଇଟି ଅଭିଯୋଗ ପତ୍ର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ।ଅନ୍ୟପକ୍ଷରେ, ବରଙ୍ଗ ପଞ୍ଚାୟତ ଅଧୀନରେ ପ୍ରାୟ ଛଅଟି ଗ୍ରାମ ରହିଥିବା ସତ୍ତ୍ୱେ ଶିବିର ସମ୍ପର୍କରେ ପୂର୍ବରୁ ଗ୍ରାମଗୁଡ଼ିକରେ ଉପଯୁକ୍ତ ସୂଚନା ଦିଆଯାଇନଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ସୋମବାର ପଞ୍ଚାୟତ ସ୍ତରରେ ଜନଶୁଣାଣି ଶିବିର ଆୟୋଜନ କରାଯିବାର ବ୍ୟବସ୍ଥା ଥିବାବେଳେ ବରଙ୍ଗ ପଞ୍ଚାୟତରେ ଏଭଳି ଅବ୍ୟବସ୍ଥା କାହିଁକି ଦେଖାଦେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି ।ଏନେଇ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନଙ୍କୁ ପଚାରିବାରୁ ସେହିଦିନ ଗୁଡ଼ିପଦର ପଞ୍ଚାୟତରେ କେନ୍ଦ୍ରୀୟ ଟିମ୍ ପହଞ୍ଚିଥିବାରୁ ସେ ଜନଶୁଣାଣି ଶିବିରରେ ଯୋଗଦେଇ ପାରିନଥିବା କହିଥିଲେ ଏବଂ ଅନ୍ୟ ଅଧିକାରୀ ମାନେ ଜନଶୁଣାଣୀ ଶିବିରରେ କାହିଁକି ପହଞ୍ଚି ନାହାଁନ୍ତି ସେ ବିଷୟରେ ସମସ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଛନ୍ତି ।ତେବେ ଅନ୍ୟ ପଞ୍ଚାୟତରେ ସରକାରୀ କାର୍ଯ୍ୟକ୍ରମ ଥିବାବେଳେ ବରଙ୍ଗ ପଞ୍ଚାୟତର ଜନଶୁଣାଣି ଶିବିରକୁ ସ୍ଥଗିତ ରଖାଗଲା ନାହିଁ କାହିଁକି ଅଧିକାରୀଙ୍କ ଅନୁପସ୍ଥିତିରେ ଶିବିର ଆୟୋଜନ କରିବାର ଉଦ୍ଦେଶ୍ୟ କ'ଣ ଗ୍ରାମବାସୀଙ୍କୁ ଆଗୁଆ ସୂଚନା ଦିଆନଯାଇ କିପରି ଜନଶୁଣାଣି କରାଗଲା ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠିଛି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ଭଦ୍ରକ, ୨୭/୧୦ (ଅକ୍ଷର ଓଡିଶା ) ତିହିଡି ବ୍ଲକର ରାଜନଗର ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଇଯାଇଛି । ଏହି ଶୁଣାଣିରେ ମୋଟ ୨୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ତ ୮ଟି ଅଭିଯୋଗ ରହିଥିଲା ।ଶୁଣାଣି ସମୟରେ ୧୭ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡ୍‌କ୍ରସ ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ୬୦୦୦୦ ଟଙ୍କା ମଂଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଇ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡି ବ୍ଲକ ଅଧକ୍ଷା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜେଏସ୍‌ଏଲ୍ ଫାଟକ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଠିକା ଶ୍ରମିକ ମୃତ

### କାରଖାନାର ୩ ନମ୍ବର ଗେଟ୍ ନିକଟରେ ଅଘଟଣ; ଶ୍ରମିକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ନେଇ ପ୍ରଶ୍ନ

ଯାଜପୁର, ୨୬।୧୦ (ଅକ୍ଷର ଓଡ଼ିଶା) :କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ କାରଖାନାର ୩ ନମ୍ବର ଗେଟ୍ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ପ୍ରାଣହାନି ଘଟିଛି । ମୃତକ ହେଲେ ଭଦ୍ରକ ଜିଲ୍ଲା ଗୁଆଗାଡ଼ିଆ ଗ୍ରାମର ପଦ୍ମଭୂଷଣ ସାହୁଙ୍କ ପୁତ୍ର ପ୍ରଶାନ୍ତ କୁମାର ସାହୁ (୩୩) । ସେ କାରଖାନା ପରିସରରେ 'ଖାନ୍ ଏଣ୍ଟରପ୍ରାଇଜେସ୍' ନାମକ ଏକ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟରତ ଥିଲେ ।ମିଳିଥିବା ସୂଚନା ମୁତାବକ, ସୋମବାର ସନ୍ଧ୍ୟା ସମୟରେ ପ୍ରଶାନ୍ତ ୩ ନମ୍ବର ଗେଟ୍ ଦେଇ ବାହାରକୁ ଆସୁଥିଲେ । ଏହି ସମୟରେ ରାସ୍ତାରେ ଓର୍ଆ-୦୯-ଇ-୪୭୯୨ ନମ୍ବର ବିଶିଷ୍ଟ ଏକ ଦ୍ରୁତଗାମୀ ଯାନ ସହ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡିପ୍ ଶବ ସଂରକ୍ଷଣ ବ୍ୟବସ୍ଥା ଅଚଳ ଥିବାରୁ ମୃତଦେହକୁ ବ୍ୟବଚ୍ଛେଦ ତଥା ସୁରକ୍ଷିତ ରଖିବା ନିମନ୍ତେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।ଶିଳ୍ପାଞ୍ଚଳରେ ଶିଫ୍ଟ ପରିବର୍ତ୍ତନ ସମୟରେ କାରଖାନା ଫାଟକଗୁଡ଼ିକ ଆଗରେ ହଜାର ହଜାର ଶ୍ରମିକ ଓ ଭାରୀ ଯାନବାହନର ଭିଡ଼ ଜମୁଛି । ପର୍ଯ୍ୟାପ୍ତ ଆଲୋକୀକରଣ, ସ୍ପିଡ୍ ବ୍ରେକର୍, ଟ୍ରାଫିକ୍ ପୁଲିସ କିମ୍ବା କାରଖାନା ସୁରକ୍ଷା କର୍ମୀଙ୍କ ଉପଯୁକ୍ତ ନିୟନ୍ତ୍ରଣ ଅଭାବରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଶ୍ରମିକ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଓ ଶିଳ୍ପ ସଂସ୍ଥା ତୁରନ୍ତ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି ।

# ଅନୁଗୋଳରେ ଜୋତା ଦୋକାନ ଭିତରେ ଚାଲିଥିଲା ଦେହ ବେପାର, ୨ ଅଟକ



ବନ୍ତଳା ୨୭/୧୦(ଅକ୍ଷର ଓଡିଶା )ଜୋତା ଦୋକାନ ଭିତରେ ଚାଲିଥିଲା ଦେହ ବେପାର । ଅନୁଗୋଳ ସହରର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଏକ ସେକ୍ସ ରାକେଟ୍ ଚାଲିଥିବା ଅଭିଯୋଗରେ ଚଢ଼ାଉ କରିଛି ପୋଲିସ । ଏହି ଘଟଣାରେ ଜୋତା ଦୋକାନର ମାଲିକାଣିଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଯାଇଛି ।ସୂଚନା ଅନୁଯାୟୀ, ଅନୁଗୋଳ ସହରର ଡିଆଇସି ଛକରେ ଥିବା 'ସୌଜନ୍ୟ' ନାମକ ଏକ ଜୋତା ଦୋକାନରେ ଦେହ ବେପାର ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା । ଏହି ସୂଚନା ଆଧାରରେ ପୋଲିସ ସନ୍ଧ୍ୟା ସମୟରେ ଉକ୍ତ ଦୋକାନରେ ଚଢ଼ାଉ କରିଥିଲା ।ଚଢ଼ାଉ ବେଳେ ଦୋକାନ ଭିତରେ ଥିବା ଏକ କୋଠରିରୁ ଜଣେ ମହିଳା ଓ ଜଣେ ଗ୍ରାହକଙ୍କୁ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି । ପ୍ରାଥମିକ ତଦନ୍ତରୁ ଦୋକାନର ମାଲିକାଣି ଉକ୍ତ କୋଠରିରେ ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି ।ଏହି ଘଟଣାରେ ରାଇଝରଣ ଗାଁର କୁନା ସାହୁ ଏବଂ କାମାକ୍ଷାନଗର ଅଞ୍ଚଳର ଦୋକାନ ମାଲିକାଣି ଉପମା ସାହୁଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଥିବା ସୂଚନା ମିଳିଛି । ଉଦ୍ଧାର ହୋଇଥିବା ମହିଳାଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିନାହିଁ ।ତେବେ ସହର ମଧ୍ୟରେ ଏଭଳି ଏକ ଜନଗହଳି ଅଞ୍ଚଳରେ ଏଭଳି ଘଟଣା ଚାଲିଥିବା ଜଣା ପଡିବା ପରେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି ।

# କବିତା ସଙ୍କଳନ 'ଅନ୍ଧାରର ପାରିଧି' ଉନ୍ମୋଚିତ



ବରଗଡ଼ ୨୭/୧୦ (ଅକ୍ଷର ଓଡିଶା )ଆନ୍ଧ୍ରପ୍ରଦେଶ ତଥା ଛତିଶଗଡ଼ର ଭୂତପୂର୍ବ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବାସଭବନରେ ଏକ ବର୍ଷାଢ୍ୟ ପରିବେଶରେ ବରଗଡ଼ ଜିଲ୍ଲାର କବୟିତ୍ରୀ ପ୍ରବାସିନୀ ହୋତାଙ୍କ କବିତା ସଂକଳନ 'ଅନ୍ଧାରର ପାରିଧି' ଲୋକାର୍ପିତ ହୋଇଯାଇଛି । ବିଶ୍ୱଭୂଷଣ ହରିଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମିଳିତ ହୋଇଥିଲେ ପ୍ରଖ୍ୟାତ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ପ୍ରଫେସର ଶଶାଙ୍କ ଚୂଡାମଣି, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ତଥା କବୟିତ୍ରୀ ଜୟନ୍ତୀ ରଥ ଏବଂ ଫକୀରମୋହନ ଫାଉଣ୍ଡେସନର ଅଧକ୍ଷା କବୟିତ୍ରୀ ମୋନିକା ଦାସ । ମହାପ୍ରଭୁ ଜଗନ୍ନାଥଙ୍କ ଆରାଧନା ଏବଂ କଣ୍ଠଶିଳ୍ପୀ ସ୍ପନ୍ଦନିକା ପଟ୍ଟନାୟକଙ୍କ ଜଗନ୍ନାଥ ଭଜନରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଆୟୋଜକ ସଞ୍ଜୀବ କୁମାର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ । କବୟିତ୍ରୀ ପ୍ରବାସିନୀ ହୋତା ବହି ସହ ନିଜ ଆବେଗର ମୁହୂର୍ତ୍ତକୁ ସମସ୍ତଙ୍କ ସହ ବାଣ୍ଟିଥିଲେ ଏବଂ ତାଙ୍କ କଲମ ଅଜସ୍ରସ୍ରାବୀ ହେବାର କାମନା କରିଥିଲେ । ସାହିତ୍ୟ ହିଁ ସମାଜରେ କ୍ରାନ୍ତି ଆଣେ । ତେଣୁ କବି ଓ ଲେଖକମାନଙ୍କ ପୃଷ୍ଠପୋଷକତା କରିବା ପାଇଁ ସମାଜ ସବୁବେଳେ ତତ୍ପର ହେବା ଉଚିତ ବୋଲି ମୁଖ୍ୟ ଅତିଥି ବିଶ୍ୱଭୂଷଣ ହରିଚନ୍ଦନ ଏହି ପ୍ରସଙ୍ଗରେ କହିଥିଲେ । କବୟିତ୍ରୀ ଜୟନ୍ତୀ ରଥ ଏହି କବିତା ସଂକଳନର କବିତା 'ପ୍ରାର୍ଥନା' ଉପରେ ସଂକ୍ଷିପ୍ତ ବିଶ୍ଳେଷଣ କରିଥିଲେ । କବିତା ପ୍ରତି ଉତ୍ସୁକତା ଏବଂ ଆଗ୍ରହ ପ୍ରବାସିନୀଙ୍କୁ ସୁଦୂର ବରଗଡ଼ରୁ ଆଣି ଆସିଛି, କବିତା ପ୍ରତି ତାଙ୍କର ଭଲପାଇବା ନିଶ୍ଚିତ ରହିଛି ଏବଂ ଏହି ଆଗ୍ରହ ତାଙ୍କୁ ବହୁତ ଆଗକୁ ନେବ କହି ନିଜର ଆଶୀର୍ବଚନ ପ୍ରଦାନ କରିଥିଲେ ବର୍ଷୀୟାନ୍ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ । ଶ୍ରୀଯୁକ୍ତ ଆଚାର୍ଯ୍ୟ ଏବଂ ବିଶ୍ୱଭୂଷଣ ହରିଚନ୍ଦନଙ୍କ ପରି ଶତାୟୁ ବ୍ୟକ୍ତିଙ୍କ ସମେତ ଅନ୍ୟ ସମସ୍ତ ଅତିଥିଙ୍କୁ ତାଙ୍କର ଉଦାର ଉପସ୍ଥିତି ପାଇଁ କବୟିତ୍ରୀ ପ୍ରବାସିନୀ ହୋତା ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ ।

# ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ଗଞ୍ଜାମର ପ୍ରସ୍ତୁତି ସମୀକ୍ଷା



ବ୍ରହ୍ମପୁର : ୨୭/୧୦(ଅକ୍ଷର ଓଡିଶା )ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କଲେ ମନ୍ତ୍ରୀ ଶ୍ରୀ ଜେନା ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ହେବାକୁ ଥିବା ପ୍ରବଳ ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲାରେ ଗ୍ରହଣ କରାଯାଇଥିବା ସମସ୍ତ ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ସମ୍ପର୍କରେ ଆଜି ସମୀକ୍ଷା କରାଯାଇଛି । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବାତ୍ୟା ମୁକାବିଲା, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା, ଜଳ ନିଷ୍କାସନ, ଯୋଗାଯୋଗ ଏବଂ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସମୀକ୍ଷା ସମୟରେ ମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ପୃଥକ୍ ଭାବେ ଆଲୋଚନା କରି ବାତ୍ୟା ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ, କ୍ଷେତ୍ରସ୍ତରରେ ପ୍ରସ୍ତୁତିର ସ୍ଥିତି, ଆବଶ୍ୟକ ଯନ୍ତ୍ରପାତି ଓ କର୍ମଚାରୀଙ୍କ ଉପଲବ୍ଧତା ଏବଂ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ନେଇଥିଲେ । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରି ସମସ୍ତ ବିଭାଗକୁ ସଜାଗ ରହିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ବିଶେଷକରି ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍‌ର ପ୍ରସ୍ତୁତି, ବାତ୍ୟା ଆଶ୍ରୟସ୍ଥଳରେ ଆବଶ୍ୟକୀୟ ସୁବିଧା, ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ରନ୍ଧା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟସେବା ଏବଂ ଗର୍ଭବତୀ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ବିଭାଗୀୟ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ଏଥିସହ ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଡ୍ରେନ୍ ଓ ନାଳ ସଫେଇ, ଜଳବନ୍ଦୀ ସମସ୍ୟା ଏଡ଼ାଇବା ଏବଂ ରାସ୍ତାରେ ଯାତାୟାତ ସ୍ୱାଭାବିକ ରଖିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ରହ୍ମପୁର ମହାନଗର ନିଗମର କମିଶନର, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ବିଭିନ୍ନ ବିଭାଗର ବରିଷ୍ଠ ଯନ୍ତ୍ରୀ, ଅଗ୍ନିଶମ, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବା ସହ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ ।

# ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ଆସିକା ବ୍ଲକରେ ପ୍ରସ୍ତୁତି ବୈଠକ

ଆସିକା, ୨୭/୧୦(ଅକ୍ଷର ଓଡ଼ିଶା) : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆସିକା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଛି । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି ଓ ଜରୁରୀକାଳୀନ ସେବା ଉପରେ ଗୁରୁତ୍ୱ ଦିଆଯାଇଛି ।ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଟୁଲା ଆମ୍ମା ପ୍ରଧାନ

# ଷଣ୍ଢ ଆକ୍ରମଣରେ ଯୁବକ ଆହତ

ନିଶ୍ଚିନ୍ତକୋଇଲି ୨୭/୧୦ (ଅକ୍ଷର ଓଡିଶା ) – ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଂଚଳରେ ଷଣ୍ଢ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିବାର ଅଭିଯୋଗ ହୋଇଛି । ସମ୍ପୃକ୍ତ ଯୁବକ ଜଣକ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାର ଜଣାଯାଇଛି । ଅସୁରେଶ୍ୱର ଅଂଚଳରେ ଦିନକୁ ଦିନ ଷଣ୍ଢଙ୍କର ଉପଦ୍ରବ ବୃଦ୍ଧି ପାଉଥିବାର ଅଭିଯୋଗ ହୋଇଛି । ଷଣ୍ଢଙ୍କ ଉପଦ୍ରବ କାରଣରୁ ସାଧାରଣ ଲୋକେ ଓ ଚାଷୀମାନେ ଭୟଭୀତ ହୋଇପଡିଛନ୍ତି । ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହେବା ସହ ବାଟୋଇମାନେ ଷଣ୍ଢ ଆକ୍ରମଣର ଶୀକାର ହେଉଥିବାର ଅଭିଯୋଗ ହୋଇଛି । ସ୍ଥାନୀୟ ପୁବଂଶ ଲୁଣାନଦୀ ପୋଲଠାରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିର ଓ ଚନ୍ଦନ ପୋଖରୀ ନିକଟରେ ଏକାଧିକ ଷଣ୍ଢ ରାସ୍ତା ଉପରେ ଶୋଇରହୁଥିବା କାରଣରୁ ଗମାନ ଗମନରେ ସମସ୍ୟା ସୃଷ୍ଟି ହେଉଛି । ଏପରିକି କେତେକ ମାରଣା ଷଣ୍ଢ ବାଟୋଇ ମାନଙ୍କୁ ଆକ୍ରମଣ କରିବାକୁ ପଛାଉନଥିବାର ଅଭିଯୋଗ ହୋଇଛି । ବିଶେଷ କରି ଷଣ୍ଢମାନେ ଦଳ ଦଳ ହୋଇ ଧାନ ଓ ପନି ପରିବା ବିଲରେ ପଶି ନଷ୍ଟ କରୁଥିବାର ଅଭିଯୋଗ ହୋଇଛି । ଅସୁରେଶ୍ୱର ଗ୍ରାମପଂଚାୟତ ଅଣସରପୁର ଗ୍ରାମର ପ୍ରଦୀପ୍ତ କୁମାର ସିଂହ ଷଣ୍ଢ ଆକ୍ରମଣରେ ଗୁରୁତର ହୋଇଛନ୍ତି । ତାଙ୍କର ବାମ ହାତଟି ଭାଙ୍ଗି ଯାଇଛି । ଏହି ଅଂଚଳରେ ଏକ ଷଣ୍ଢ ଅସ୍ୱାଭାବିକ ଆଚରଣ କରୁଥିବାରୁ ଏହା ଅସୁସ୍ଥ କିମ୍ବା ଅନ୍ୟ କୌଣସି ସମସ୍ୟାରେ ଅଛି ତାହାର ଡାକ୍ତରୀ ଯାଂଚ ଏକାନ୍ତ ଆବଶ୍ୟକତା ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଷଣ୍ଢକୁ ତୁରନ୍ତ ପ୍ରଶାସନ ନିୟନ୍ତ୍ରଣକୁ ନେଇ ଚିକିତ୍ସା କରିବା ସହ ଅନ୍ୟତ୍ର କିମ୍ବା ଗୋଶାଳାରେ ରଖିବାକୁ ସ୍ଥାନୀୟ ଜନ ସାଧାରଣ ଦୃଢ ଦାବି କରିଛନ୍ତି ।

# ସ୍ଥାନୀୟ ଠିକାଦାରଙ୍କ ବିରୋଧ ଯୋଗୁଁ ଅଟକିଛି କୁଣ୍ଡେଇ କେନାଲ ବନ୍ଧ ରାସ୍ତା କାମ
## ମାସେ ମଧ୍ୟରେ କାମ ନହେଲେ ଆନ୍ଦୋଳନ ଚେତାବନୀ



ନିମାପଡ଼ା, ୨୭/୧୦/ (ବିଜୟ ବେହେରା): ପ୍ରାଚୀ ଜଳସମ୍ପଦ ବିଭାଗ, ଭୁବନେଶ୍ୱର ଅଧୀନସ୍ଥ ବାହାରଣା ଜଳସମ୍ପଦ ବିଭାଗ ପକ୍ଷରୁ କୁଣ୍ଡେଇ କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଓ ଏଗ୍ରିମେଣ୍ଟ ପ୍ରକ୍ରିୟା ସରିଥିଲେ ମଧ୍ୟ କାମ ଆରମ୍ଭ ହୋଇପାରୁନାହିଁ । ସ୍ଥାନୀୟ କେତେକ ଠିକାଦାରଙ୍କ ବିରୋଧ ଓ ଚାପ ଯୋଗୁଁ କାମ ବାଧାପ୍ରାପ୍ତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ସୂଚନା ଅନୁଯାୟୀ, ୨୦୨୫ ମସିହାରେ ନିମାପଡ଼ା–କାକଟପୁର ମୁଖ୍ୟ ରାସ୍ତାର ଚାରିଛକ ମେଡିକାଲ ନିକଟରୁ ଆର.ଡି ୧୪୦୦ ରୁ ଆର.ଡି ୧୫୦୦ ପର୍ଯ୍ୟନ୍ତ କୁଣ୍ଡେଇ କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଟେଣ୍ଡର ପରେ ଶିବଜ୍ୟୋତି କନଷ୍ଟ୍ରକ୍ସନ କାମ ପାଇଥିବା ଏବଂ ଏନେଇ ଏଗ୍ରିମେଣ୍ଟ ମଧ୍ୟ ସମ୍ପନ୍ନ ହୋଇଥିବା କୁହାଯାଉଛି ।କୁଣ୍ଡେଇ କେନାଲ ବନ୍ଧ ରାସ୍ତା କାମ ଅଟକି ରହିବା ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଦୁଇଟି ପଞ୍ଚାୟତର ଲୋକେ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି ।ଗ୍ରାମବାସୀ ଅର୍ଜୁନ ସ୍ୱାଇଁ, ବ୍ରହ୍ମାନନ୍ଦ ଭୋଇ, ଲକ୍ଷ୍ମୀଧର ସାହୁ, ଅଧୀରାଜ ସାହୁ, ଲିଙ୍ଗରାଜ ପରିଡ଼ା, ବାବାଜୀ ମଳିକ, ଅନାମ ବେହେରା ଓ ଚିତ୍ରସେନ ସ୍ୱାଇଁ ପ୍ରମୁଖ ତୁରନ୍ତ ବିଭାଗୀୟ ହସ୍ତକ୍ଷେପ କରି କୁଣ୍ଡେଇ କେନାଲ ବନ୍ଧ ରାସ୍ତା କାମ ଆରମ୍ଭ କରାଇବାକୁ ଦାବି କରିଛନ୍ତି ।ଟେଣ୍ଡର ଓ ଏଗ୍ରିମେଣ୍ଟ ପ୍ରକ୍ରିୟା ସରିବା ପରେ ମଧ୍ୟ କାହା ଚାପରେ ଏବଂ କେଉଁ କାରଣରୁ ସରକାରୀ କାମ ଅଟକି ରହିଛି, ତାହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି ।ଗ୍ରାମବାସୀମାନେ ଚେତାବନୀ ଦେଇ କହିଛନ୍ତି ଯେ, ଆସନ୍ତା ଏକ ମାସ ମଧ୍ୟରେ କୁଣ୍ଡେଇ କେନାଲ ବନ୍ଧ ରାସ୍ତା କାମ ଆରମ୍ଭ ନହେଲେ ସେମାନେ ବାଧ ହୋଇ ନିମାପଡ଼ା–କାକଟପୁର ମୁଖ୍ୟ ରାସ୍ତାରେ ଧାରଣା ଦେବେ । ତେବେ ସ୍ଥାନୀୟ ଠିକାଦାରଙ୍କ ବିରୋଧ ଯୋଗୁଁ କାମ ଅଟକିଥିବା ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଜଳସମ୍ପଦ ବିଭାଗ, ଠିକା ସଂସ୍ଥା କିମ୍ବା ଅଭିଯୋଗରେ ଉଲ୍ଲେଖିତ ପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଦିବ୍ୟ ଜୀବନ ସଂଘର କୁମାରପୂର୍ଣ୍ଣିମା ଉତ୍ସବ



ଧରାକୋଟ ୨୭/୧୦ (ଅକ୍ଷର ଓଡିଶା ) ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା ତରଫରୁ କୁମାର ପୂର୍ଣ୍ଣିମା ଉତ୍ସବ ସ୍ଥାନୀୟ ବଜାର ଛକ ଠାରେ ପାଳନ ହୋଇଯାଇଛି ।ଏହି ଶରତ ପୂର୍ଣ୍ଣିମା ଉତ୍ସବରେ ଆଖ ପାଖ ଅଞ୍ଚଳରୁ ପ୍ରାୟ ଛଅ ଶହ ମହିଳା ଓ ପୁରୁଷ ନାରାୟଣ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷିଣ ଓଡ଼ିଶା ଦିବ୍ୟଜିବନ ସଂଘର ପୂର୍ବତନ ସମ୍ପାଦକ ତଥା ସଂଗଠକ ଜୟଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦିପ ପ୍ରଜ୍ୱୋଳନ କରି ଉଦ୍ଘାଟନ କରିଥିଲେ । ମାନବ ସେବା ହିଁ ମାଧବ ସେବା ଯାହାର ମୂଲ୍ୟ ସମର୍ପଣ ସେବା ହେବା ଜରୁରୀ ବୋଲି ସେ ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ଅବସର ପ୍ରାପ୍ତ ଶାଖା ପରିଚାଳକ ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ଅବସର ପ୍ରାପ୍ତ ଶିକ୍ଷାବିତ୍ ଗଣେଶ ରଥ ଯୋଗ ଦେଇ ନାରାୟଣ ମାନଙ୍କ ସହ ଭାବ ବିନିମୟ କରିଥିଲେ ଓ କର୍ମକର୍ତ୍ତା ମାନଙ୍କୁ ଏହି ପରି ସେବା ଯୋଗାଇଦବା ପାଇଁ ଉତ୍ସାହିତ କରିଥିଲେ ।ସଂଘର ବରିଷ୍ଠ ଗୁରୁଭାଇ ତଥା ଉଦେକ୍ତା ବି ଶ୍ୟାମସୁନ୍ଦର ପାତ୍ର ଙ୍କ ତତ୍ତ୍ୱ ବଧାନରେ ନାରାୟଣ ମାନଙ୍କୁ ସକାଳେ ଜଳପାନ, ଶୀତ କମ୍ବଳ ଏବଂ ମଧ୍ୟାହ୍ନ ଭୋଜନ ବଣ୍ଟନ କରାଯାଇଥିଲା । ସଂଘ ସଭାପତି ପି ତ୍ରିନାଥ ପାତ୍ର ସହ ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର ,ପିଣ୍ଟୁ ପୋଲାଇ ,ତ୍ରିମଲି ପାତ୍ର ,ଦୀପକ ପାତ୍ର ,ବଂଶାଧର ସାହୁ ,ସନ୍ତୋଷ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।ସଂଯୋଜକ ୟୁ ନାଗେଶ୍ୱର ରାଓ ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପରିଚାଳନା କରିଥିଲେ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ
## 'ନକ୍ସଲମୁକ୍ତ ଭାରତ' ତଥା ନୂତନ ବିକାଶ ଓ ପ୍ରଗତିର ବାର୍ତ୍ତା




ବ୍ରହ୍ମପୁର : ୨୭/୧୦ ( ଅକ୍ଷର ଓଡ଼ିଶା ) ଜାତୀୟ ଏକତା ଦିବସରେ ଯୋଗଦେବା ପାଇଁ ବ୍ରହ୍ମପୁରରୁ ଏକତା ନଗର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କଲେ ୧୫୦ରୁ ଊର୍ଦ୍ଧ୍ୱ ନାଗରିକ ଗଞ୍ଜାମ ଜିଲ୍ଲାରୁ ୫୨ ଜଣ ସାମିଲ । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ୧୫୦ରୁ ଊର୍ଦ୍ଧ୍ୱ ନାଗରିକ ଆଜି ଅପରାହ୍ନରେ ବ୍ରହ୍ମପୁର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି । ଏଥିରେ ଗଞ୍ଜାମ ଜିଲ୍ଲାରୁ ୫୨ ଜଣ ନାଗରିକ ସାମିଲ ହୋଇଛନ୍ତି । ଏକତା ନଗର ଅଭିମୁଖେ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌କୁ ରାଜ୍ୟର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ଦେଶର ଏକତା ଓ ଅଖଣ୍ଡତା ରକ୍ଷା ଦିଗରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଚିରସ୍ମରଣୀୟ । ଜାତୀୟ ଏକତା ଦିବସର ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ନାଗରିକମାନେ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଫେରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଚାରପ୍ରସାର କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ୟମ ଓ ନେତୃତ୍ୱରେ ଭାରତ ଆଜି ନକ୍ସଲ ମୁକ୍ତ ହୋଇପାରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଜି (ଦକ୍ଷିଣାଞ୍ଚଳ) ଜୟନାରାୟଣ ପଙ୍କଜ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକର, ଗଞ୍ଜାମ ଏସ୍‌ପି ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ସୁନୀଲ କେରକେଟା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦାମ କୁମାର ସ୍ୱାଇଁ ଏବଂ ବ୍ରହ୍ମପୁର ରେଳ ଷ୍ଟେସନ ପରିଚାଳକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ପଦ୍ମପୁରରେ 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ



ପଦ୍ମପୁର ୨୭/୧୦ (ଅକ୍ଷର ଓଡିଶା ) ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଆହ୍ୱାନ କ୍ରମେ ପଦ୍ମପୁର ନିର୍ବାଚନମଣ୍ଡଳୀରେ 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ଟଙ୍କଧର ସାହୁଙ୍କ ନେତୃତ୍ୱରେ ଦଳ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ସହ ପ୍ରତିବାଦ ରାଲି ଆୟୋଜିତ ହୋଇଥିଲା ।ପଦ୍ମପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିବା ରାଲି ଭେଉଁରିଆ ଛକରେ ପହଞ୍ଚିଥିଲା । ଏଥିରେ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇ ନିର୍ବାଚନ କମିଶନଙ୍କ ଇସ୍ତଫା ଦାବି କରିବା ସହ ବିଭିନ୍ନ ନାରା ଦେଇଥିଲେ ।ଭେଉଁରିଆ ଛକଠାରେ ଆୟୋଜିତ ସଭାରେ ଟଙ୍କଧର ସାହୁ ମତବ୍ୟକ୍ତ କରି କହିଥିଲେ ଯେ, ମତଦାନ ଭାରତୀୟ ନାଗରିକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଅଧିକାର । କିନ୍ତୁ ଏସ୍‌ଆଇଆର୍ ପ୍ରକ୍ରିୟା ଆଳରେ ନିର୍ବାଚନ କମିଶନ ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାର ଲୋକଙ୍କ ନାଗରିକତ୍ୱ ଏବଂ ମତଦାନ ଅଧିକାରକୁ ନେଇ ଖେଳ ଖେଳୁଥିବା ସେ ଅଭିଯୋଗ କରିଥିଲେ । ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନାଗରିକଙ୍କ ଅଧିକାର ପ୍ରତି ପ୍ରଶ୍ନ ଉଠୁଥିବା ସେ କହିଥିଲେ ।ସଭା ପରେ ପ୍ରତିବାଦକାରୀମାନେ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଦାବି କରି କଂଗ୍ରେସ ପକ୍ଷରୁ ଏହି ଅଭିଯାନ କରାଯାଇଥିଲା ।

# ସ୍ୱର୍ଣ୍ଣା ଚୋରି ଘଟଣାରେ ଜଣେ ଗିରଫ



ବନ୍ତଳା ( ୨୭/୧୦(ଅକ୍ଷର ଓଡିଶା ) ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଗୀତାଗ୍ରାମରୁ ସୁନା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି । ସୂଚନା ଯେ, ଗଞ୍ଜାମ ବ୍ରହ୍ମପୁରର ଜି. କିରନ କୁମାର ୫ ବର୍ଷ ହେଲା ଗୀତାଗ୍ରାମରେ ଭଡ଼ାଘରେ ରହୁଛନ୍ତି । ସେ ଗତ ୧୭ ତାରିଖରେ ଦଶହରା ପାଇଁ ବ୍ରହ୍ମପୁରକୁ ପରିବାର ନେଇ ଯାଇଥିଲେ । ତେବେ ଏହାର ସୁଯୋଗ ନେଇ ଗୀତାଗ୍ରାମରେ ରହୁଥିବା ଢେଙ୍କାନାଳ ଜିଲ୍ଲାର କାହୁ ଦେହୁରୀ ଘର କବାଟ ଭାଙ୍ଗି ଚୋରି କରିଥିଲେ । ଘର ଆଲମିରା ଭାଙ୍ଗି ସୁନା ଚେନ୍, ମୁଦି ଇତ୍ୟାଦି ୮୯ ଗ୍ରାମ ସୁନା ଚୋରି କରିନେଇଥିଲେ । ସେହିପରି ୫୧ ହଜାର ଟଙ୍କା ମଧ୍ୟ ଚୋରି ହୋଇଥିଲା । ପୋଡ଼ଶୀ ଏସମ୍ପର୍କରେ ଖବର ଦେବାରୁ ଜି. କିରନ କୁମାର ଅନୁଗୋଳ ଆସି ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ । ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ କାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁନା ଏବଂ ୪୫ ହଜାର ଟଙ୍କା ଉଦ୍ଧାର କରିଛି ଅନୁଗୋଳ ଟାଉନ୍ ପୋଲିସ ।

# ଅର୍ଣ୍ଣବ ବାତ୍ୟା ପାଇଁ ଗଜପତିରେ ହାଇ ଆଲର୍ଟ
## ସମଗ୍ର ଜିଲ୍ଲାରେ ୧୪୪ ଗୋଟି ଭୂଷ୍ଟଳନ ସ୍ଥଳ ଚିହ୍ନଟ



ପାରଳାଖେମୁଣ୍ଡି, ୨୭/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଅର୍ଣ୍ଣବ ବାତ୍ୟା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ହାଇ ଆଲର୍ଟ ଜାରି କରାଯାଇଛି. ଏହି ବାତ୍ୟା ଯୋଗୁଁ ଆଜି ଠାରୁ ଲଗାତାର ଭାବେ ବର୍ଷାରେ ସମଗ୍ର ଜିଲ୍ଲାରେ ଜନଜୀବନ ସମ୍ପୂର୍ଣ ଭାବେ ପ୍ରଭାବିତ ହୋଇଛି. ଏହି ଜିଲ୍ଲାରେ ମୋଟ ୧୪୪ ଗୋଟି ଭୂଷ୍ଟଳନ ସ୍ଥଳୀ ଚିହ୍ନଟ ହୋଇଛି. ବାତ୍ୟାରେ ଲୋକଙ୍କ ଜନଜୀବନ ସୁରକ୍ଷା ଓ ଜିରୋ କାଜୁଆଲଟିକୁ ପ୍ରାଧାନ୍ୟ ଦିଆଯାଇ ସମସ୍ତ ଅଞ୍ଚଳରେ ସରକାରୀ ପଦାଧିକାରୀ ସଜାଗ ରହିଛନ୍ତି. ତଥାପି ଗଜପତିବାସୀଙ୍କ ଠାରେ ଭୂଷ୍ଟଳନର ଭୟ ଦୂର ହୋଇନାହିଁ. ଲୋକେ ଅକ୍ଟୋବର ମାସରେ ବାତ୍ୟା ଆସିଲେ ଭୟରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି. ଏଠାରେ ଉଲ୍ଲେଖଯୋଗ୍ୟଯେ, ବିଗତ ୨୦୧୮ତିତିଲି ମହାବାତ୍ୟା ଯୋଗୁଁ ଗଜପତି ଜିଲ୍ଲାରେ ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟ ସଂଗଠିତ ହୋଇଥିଲା. ଭୂଷ୍ଟଳନ ଓ ପ୍ରବଳ ବେଗରେ ପ୍ରଳୟଙ୍କର ପବନ ବୋହିବା ଯୋଗୁଁ ପ୍ରାୟ ୫୦ଲୋକଙ୍କ ଜୀବନହାନୀ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିଲା. ତେଣୁ ବାତ୍ୟାର ନାଁ ଶୁଣିଲେ ଭୟରେ ଲୋକେ ଥରି ଉଠୁଛନ୍ତି. ହେଲେ ଏସବୁକୁ ନଜରରେ ରଖି ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ରହିବା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି. ସମଗ୍ର ଜିଲ୍ଲାରେ ୨୮୧ବାତ୍ୟା ସୁରକ୍ଷା ସ୍ଥଳୀ ଖୋଲା ଯାଇଛି. ବର୍ତ୍ତମାନର ପ୍ରବଳ ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଗଜପତି ପ୍ରଶାସନ ତରଫରୁ ରେଡ ଆଲଟ ଜାରି କରାଯାଇଛି. ଜିଲ୍ଲା ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ, ରାଜସ୍ୱ, ବନ ବିଭାଗ ସମେତ ଅଗ୍ନିଶମ ବାହିନୀର ସମସ୍ତ ପଦାଧିକାରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସମ୍ପୂର୍ଣ ସଜାଗ ରହି ଜନ ସାଧାରଣଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି. ପ୍ରବଳ ବର୍ଷା ଓ ବାତ୍ୟାରୁ ସାଧାରଣଙ୍କୁ ସୁରକ୍ଷା ଦେବା ସହ ସତର୍କତା କରିବା ପାଇଁ ସମଗ୍ର ଜିଲ୍ଲାରେ ଡାକବାଜି ଯନ୍ତ୍ର ଲଗାଯାଇ ଜନ ସାଧାରଣଙ୍କୁ ସତର୍କତା କରାଯାଉଛି. ପ୍ରବଳ ବର୍ଷା, ଝଡ଼ ପବନ ଓ ବଜ୍ରାଘାତ ଆଦି ଯୋଗୁଁ ଗଜପତି ଜିଲ୍ଲାର ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ଘଟି ମାଟି ଅତଡ଼ା ଖସିବାର ଆଶଙ୍କା ଥିବା ଯୋଗୁଁ ଏଥିରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ମଧ୍ୟ ଗଜପତି ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି. ଖବର ଲେଖିବା ସୁଦ୍ଧା ସମଗ୍ର ଗଜପତି ଜିଲ୍ଲାରୁ ୪୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷା ସ୍ଥଳ ଯଥା ଅଙ୍ଗନବାଡି କେନ୍ଦ୍ର ଓ ବିଭିନ୍ନ ବିଦ୍ୟାଳୟରେ ରଖା ଯିବା ସହ ସେମାନଙ୍କୁ ସମସ୍ତ ପ୍ରକାର ଖାଦ୍ୟପେୟ ବିଭିନ୍ନ ଔଷଧ ଆଦିର ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି ।

# ଓଏସ୍‌ଆରଟିସି ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ
## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ପରଜଙ୍ଗ, ୨୭ ।୧୦ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ବଡ଼କମର–ପାଙ୍କାଡିରା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳାଶ ଶ୍ମଶାନ ନିକଟରେ ଓଏସ୍‌ଆର୍‌ଟିସି ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଆମ୍ବପଳାଶ ଗ୍ରାମର ସୁନିଲି ସାହୁ ( ୨୯ ) ବୋଲି ଜଣାପଡିଛି ।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି ।ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି । ରାସ୍ତା ଅବରୋଧ ହଟା



ବୁଧବାର ୨୮।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ୩୫ ବଲରେ ଅଭିଷେକଙ୍କ ଦମ୍‌ଦାର ଶତକ

# ୩-୦ରେ ଆଗୁଆ ସିରିଜ୍ କବ୍‌ଜା କଲା ଭାରତ

**ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଟି-୨୦**

ନୂଆଦିଲ୍ଲୀ, ୨୭/୧୦ : ଭାରତ ତୃତୀୟ ଟି-୨୦ରେ ନ୍ୟୁଜିଲାଣ୍ଡକୁ ଛଅ ୱିକେଟରେ ପରାସ୍ତ କରିଛି। ଭାରତ ୧୩.୨ ଓଭରରେ ୧୯୯ ରନର ଟାର୍ଗେଟ ହାସଲ କରିଛି। ଅଭିଷେକ ୩୮ ବଲ୍‌ରେ ୧୧୩ ରନର ଇନିଂସ ଖେଳିଛନ୍ତି। ବୈଭବ ସୂର୍ଯ୍ୟବଂଶୀ ୧୯ ବଲ୍‌ରେ ୪୫ ରନର ଇନିଂସ ଖେଳିଛନ୍ତି। ପୂର୍ବରୁ ଡାରିଲ ମିଚେଲଙ୍କ ଅପରାଜିତ ୮୯ ରନ ଆଧାରରେ ନ୍ୟୁଜିଲାଣ୍ଡ ୧୯୮ ରନ କରିଥିଲା। ମିଚେଲଙ୍କ ବ୍ୟତୀତ ଫିନ୍ ଆଲେନ୍ ୪୦ ରନ କରିଥିଲେ। ଏହି ବିଜୟ ସହିତ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ୩-୦ର ଅଜୟ ଅଗ୍ରଣୀ ହାସଲ କରିଛି। ଦୁଇ ଦଳ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ୍ ଅକ୍ଟୋବର ୩୦ରେ ଅକଲାଣ୍ଡରେ ଖେଳାଯିବ।

ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଲଗାତାର ତୃତୀୟ ଟି-୨୦ ଆନ୍ତର୍ଜାତୀୟ ଟାଇଟଲ ଜିତିଛି। ମଙ୍ଗଳବାର ଓ୍ୱାର୍ଲିଂଟନରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ଛଅ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ତିନି ୱିକେଟ ହରାଇ ୧୯୮ ରନ କରିଥିଲା। ଜବାବରେ ଭାରତ ୧୩.୨ ଓଭରରେ ଚାରି ୱିକେଟ ହରାଇ ୧୯୯ ରନର ଟାର୍ଗେଟ ହାସଲ କରିଥିଲା।

ଭାରତର ବିଜୟର ସବୁଠାରୁ ବଡ଼ ନାୟକ ଥିଲେ ଅଭିଷେକ ଶର୍ମା, ଯିଏ ମାତ୍ର ୩୫ ବଲ୍‌ରେ ନିଜର ଶତକ ପୂରଣ କରିଛନ୍ତି ଏବଂ ୩୮ ବଲ୍‌ରେ ୧୧୩ ରନର ଦମଦାର୍ ଇନିଂସ ଖେଳିଛନ୍ତି। ଅଭିଷେକ ତାଙ୍କ ଇନିଂସରେ ନଅ ଚୌକା ଏବଂ ୧୧ ଛକା ମାରିଛନ୍ତି। ତାଙ୍କ ସହିତ ଇନିଂସ ଓପନ କରିଥିବା ଯୁବ ବ୍ୟାଟସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୧୯ ବଲ୍‌ରେ ୪୫ ରନ କରିଛନ୍ତି। ଉଭୟ ବ୍ୟାଟ୍‌ସମ୍ୟାନଙ୍କ ଚମତ୍କାର ଆରମ୍ଭ ମ୍ୟାଚକୁ ସମ୍ପୂର୍ଣ୍ଣ ଭାବରେ ଭାରତ ସପକ୍ଷରେ ନେଇଥିଲା। ଏହି ବିଜୟ ସହିତ, ଭାରତୀୟ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜରେ ୩-୦ରେ ଅଗ୍ରଣୀ ବିଜୟ ହାସଲ କରିଛି।

୧୯୯ ରନ୍‌ର ଲକ୍ଷ୍ୟ ପିଛା କରି ଭାରତ ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ଏକ ବିସ୍ଫୋରକ ଆରମ୍ଭ କରିଥିଲା। ଏହି ଯୋଡ଼ି ପ୍ରଥମ ବଲ୍‌ରୁ ହିଁ ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ଚାପ ପକାଇଥିଲେ। ଅଭିଷେକ ମାତ୍ର ୧୫ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ବଡ଼ ସଟ୍ ମାରିବା ଜାରି ରଖିଥିଲେ, ମାତ୍ର ୩୫ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ। ଅଭିଷେକ ୩୮ ବଲ୍‌ରେ ୧୧୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଏବଂ ୧୧ ଛକା ଖେଳିଛନ୍ତି। ଯୁବ ବ୍ୟାଟ୍‌ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ପୁଣି ଥରେ ତାଙ୍କ ବ୍ୟାଟିଂରେ ପ୍ରଭାବିତ କରିଛନ୍ତି। ବୈଭବ ମାତ୍ର ୧୯ ବଲ୍‌ରେ ୪ଟି ଚୌକା ଏବଂ ୪ଟି ଛକା ମାରି ୪୫ ରନ୍ କରିଥିଲେ। ୫ ଓଭର ସୁଦ୍ଧା ଶତକ ହାସଲ କରିବାରେ ଭାରତ ନୂତନ ରେକର୍ଡ଼ ସୃଷ୍ଟି କରିଛି। ଏହା ପୂର୍ବରୁ ୫.୩ ଓଭରରେ ଅଷ୍ଟ୍ରେଲିଆ ଏହି ରେକର୍ଡ଼ର ଅଧିକାରୀ ଥିଲା।






### ‘ପାୱାରପ୍ଲେ’ରେ ବଡ଼ ସ୍କୋର

୧୧୮/୦: ଭାରତ ବନାମ ନ୍ୟୁଜିଲାଣ୍ଡ, ୱେଲିଂଟନ, ୨୦୨୬
୧୧୩/୧: ଅଷ୍ଟ୍ରେଲିଆ ବନାମ ସ୍କଟଲାଣ୍ଡ, ଏଡିନବର୍ଗ, ୨୦୨୪
୧୦୩/୧: ଜିମ୍ବାୱେ ବନାମ ଗାମ୍ବିଆ, ନାଇରୋବୀ, ୨୦୨୪
୧୦୨/୦: ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ, ସେଞ୍ଚୁରିଅନ, ୨୦୨୩
୧୦୦/୦: ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଓଲ୍ଡ ଟ୍ରାଫର୍ଡ, ୨୦୨୫
୧୦୦/୦: ଭାରତ ବନାମ ଆଫଗାନିସ୍ତାନ, ଦିଲ୍ଲୀ, ୨୦୨୬

## ଆଇଓଏର ଏସ୍‌ଓମ୍ ନିର୍ବାଚନ, ମାର୍ଗଦର୍ଶିକା ଜାରି

ନୂଆଦିଲ୍ଲୀ, ୨୭/୧୦ : ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ସ୍ପୋର୍ଟ୍ସପର୍ସନ୍ ଅଫ୍ ଆଉଟ୍‌ଷ୍ଟାଣ୍ଡିଂ ମେରିଟ୍ (ଏସ୍‌ଓଏମ୍) ନିର୍ବାଚନ ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ଆଇଓଏ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ଶ୍ରୀବାସ୍ତବ ମାର୍ଗଦର୍ଶିକା ଜାରି କରିଛନ୍ତି। ନିୟମ ପାଳନ ସହ ଶେଷ ତାରିଖ ଅକ୍ଟୋବର ୩୦ ତାରିଖ ଭିତରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପ୍ରାର୍ଥୀଙ୍କୁ କୁହାଯାଇଛି। ନିୟମ ଅନୁଯାୟୀ, ଜଣେ ସଦସ୍ୟ ପୁରୁଷ ଓ ମହିଳା ବର୍ଗରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କ ପ୍ରସ୍ତାବକ ରହିପାରିବେ। ଗୋଟିଏ ବର୍ଗରେ ଏକାଧିକ ପ୍ରାର୍ଥୀଙ୍କୁ ସମର୍ଥନ କଲେ ନାମାଙ୍କନ ପତ୍ର ନାକଚ ହେବ। ଏହି ନିର୍ବାଚନରେ ଆଇଓଏ ସାଧାରଣ ପରିଷଦ ପାଇଁ ୮ ଜଣ (୪ ଲେଖାଏଁ ପୁରୁଷ ଓ ମହିଳା) ପ୍ରତିନିଧି ନିର୍ବାଚିତ ହେବେ। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଜଣେ ମହିଳା ଆଇଓଏ କାର୍ଯ୍ୟକାରୀ ପରିଷଦକୁ ମନୋନୀତ ହେବେ। ପ୍ରାର୍ଥୀଙ୍କ ବୟସ ୨୫ରୁ ୭୦ ବର୍ଷ ମଧ୍ୟରେ ହେବା ସହ ଅତିକମ୍‌ରେ ବର୍ଷକ ପୂର୍ବରୁ ଅବସର ନେଇଥିବେ। ନାମାଙ୍କନ ଯାଞ୍ଚ ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

## ବନ୍ଧୁ କେନ୍‌ଙ୍କୁ ବିରାଟଙ୍କ ଅଭିନନ୍ଦନ



ନୂଆଦିଲ୍ଲୀ, ୨୭/୧୦ : ସଦ୍ୟ ବାଲନ ଡି'ଓର୍ ପୁରସ୍କାର ପାଇଥିବା ଇଂଲଣ୍ଡ ଷ୍ଟ୍ରାଇକର୍ ହାରି କେନ୍‌ଙ୍କୁ ମଙ୍ଗଳବାର ଅଭିନନ୍ଦନ ଜଣାଇଛନ୍ତି ଭାରତର ତାରକା କ୍ରିକେଟର୍ ବିରାଟ କୋହଲି। ସାମାଜିକ ଗଣମାଧ୍ୟମରେ କୋହଲି ନିଜ 'ବନ୍ଧୁ' କେନ୍‌ଙ୍କ ପରିଶ୍ରମ, ଦୃଢ଼ ମନୋବଳ ଓ ସଚ୍ଚୋଟତାର ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, ''ମୋ ବନ୍ଧୁ ହ୍ୟାରି, ତୁମର ଦୃଢ଼ ମନୋବଳ, କଠିନ ପରିଶ୍ରମ ଓ ସଚ୍ଚୋଟତା ପାଇଁ ତୁମେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ। ତୁମ ପାଇଁ ମୁଁ ବହୁତ ଖୁସି। ଈଶ୍ୱର ତୁମଙ୍କୁ ଓ ତୁମ ପରିବାରକୁ ଆଶୀର୍ବାଦ କରନ୍ତୁ। ତୁମର ଏହି ଯାତ୍ରା ପାଇଁ ତୁମ ପରିବାର ନିଶ୍ଚିତ ଗର୍ବ ଅନୁଭବ କରୁଥିବ। ମୋର ଶୁଭକାମନା ସବୁବେଳେ ତୁମ ସହ ରହିଛି। ଅଭିନନ୍ଦନ।'' କେନେ ବିଶ୍ୱର ତାରକା ଖେଳାଳି ଲିଓନେଲ୍ ମେସି, କାଇଲିଆନ୍ ଏମ୍‌ବାପେ, ଲାମିନେ ୟାମାଲଙ୍କୁ ପଛରେ ପକାଇ ପ୍ରଥମ ଥର ଏହି ପୁରସ୍କାର ଜିତିଥିଲେ।

## ଜାତୀୟ ବିଦ୍ୟାଳୟ କ୍ରୀଡ଼ାରେ ରେଫରି ଦାୟିତ୍ୱ ତୁଲାଇଲେ ଓଡ଼ିଶାର ଏହେସାସ



ଭୁବନେଶ୍ୱର, ୨୭/୧୦ : ଜମ୍ମୁ କାଶ୍ମୀରରେ ଆୟୋଜିତ ୭୦ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ାରେ ମ୍ୟାଚ୍ ପରିଚାଳନା କରି ଓଡ଼ିଶାର ଜାତୀୟ ରେଫରି ଏହେସାସ୍ ହୋତା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଚଳିତ ମାସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଗାନ୍ଦରବଲ୍‌ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ (ବାଳକ ଓ ବାଳିକା) ଟାଏକୋଣ୍ଡୋ ଇଭେଣ୍ଟରେ ସେ ଏହି ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ରେଫରି ଦାୟିତ୍ୱ ଦେବା ଲାଗି ଓଡ଼ିଶା ଟାଏକୋଣ୍ଡୋ ସଂଘର ସଭାପତିଙ୍କ ନିକଟକୁ କାଶ୍ମୀର ଯୁବ ସେବା ଓ କ୍ରୀଡ଼ା ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ ପତ୍ର ଆସିଥିଲା। ଅନୁରୋଧ ରକ୍ଷା କରି ଓଡ଼ିଶା ସଂଘ ତାଙ୍କୁ ଜମ୍ମୁ କାଶ୍ମୀର ପଠାଇଥିଲା। ସେ ସଫଳତା ସହ ନିଜ ଦାୟିତ୍ୱ ତୁଲାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ସୁଯୋଗ ଦେଇଥିବାରୁ ଓଡ଼ିଶା ସଂଘ, ଏସ୍‌ଜେଏଫ୍‌ଆଇ ଓ ଜମ୍ମୁ କାଶ୍ମୀର ଯୁବ ସେବା ବିଭାଗକୁ ଧନ୍ୟବାଦ ଦେଇଛନ୍ତି।

## ନଭେମ୍ବର ୪ ରୁ ଖୋଲିବ କୁଲଡିହା ଅଭୟାରଣ୍ୟ

ନୀଳଗିରି, ୨୭/୧୦, (ଅକ୍ଷର ଓଡିଶା )ନୀଳଗିରି ଉପଖଣ୍ଡର ବଣ ପାହାଡ଼ଘେରା ଓ ତତ୍ ସଂଲଗ୍ନ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟମୟୀ କୁଲଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ନଭେମ୍ବର ୪ରୁ ଖୋଲିବ। ନୀଳଗିରି କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ଦେଇ କୁଲଡିହା ଅଭୟାରଣ୍ୟକୁ ପର୍ଯ୍ୟଟକ ମାନେ ସକାଳ ୯ଟା ସମୟରେ ପ୍ରବେଶ କରିବେ। ବର୍ଷାଋତୁ ପାଇଁ ଗତ ଜୁନ୍ ୧୫ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ନଭେମ୍ବର ୧ରୁ ଖୋଲିବା କଥା, ଏବର୍ଷ ଅଧିକ ବର୍ଷା ହୋଇଥିବାରୁ ନଭେମ୍ବର ୪ରେ ଖୋଲିବ। ୨୭୨.୭୫ ବର୍ଗ କି.ମି ପରିବ୍ୟାପ୍ତ ଘଞ୍ଚ ଶାଳବଣ ର ସବୁଜିମା ଭିତରେ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ ଓ ଦେଶୀ-ବିଦେଶୀ ପକ୍ଷୀ ଓ ଗଡ଼ସିମୁଳିଆ ଓ ମେଛକୁଣ୍ଡ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଥିଲା ସହ ପର୍ଯ୍ୟଟକଙ୍କୁ ବିଭୋର କରିଥାଏ। ହେଲେ ରିସିଆ ପ୍ରକୃତି ନିବାସ କୁ ବନବିଭାଗ ବିକାଶ ଉପରେ ଅଧିକ ଗୁରୁତ୍ୱ ନ ଦେବାରୁ ଧିରେ ଧିରେ ଜରାଜିର୍ଣ୍ଣ ହେଇ ପଡିଥିବା ବେଳେ ବନବିଭାଗ ଗତବର୍ଷ ପ୍ରକୃତି ନିବାସକୁ ନବୀକରଣ କରିବା ଉଦ୍ଦେଶ୍ୟରେ ରିସିଆ ପ୍ରକୃତି ନିବାସ କୁ ଭାଗିଦିଆଜାଇଥିଲା। କିନ୍ତୁ ଏବେ ସେଇ ଭଙ୍ଗାରେ ହିଁ ସୀମିତ ରହିଛି ଆଜିକୁ ୧୦ ମାସ ହେଲା। ତେଣୁ ବିଭିନ୍ନ ଅବ୍ୟବସ୍ଥା ଭିତରେ ନଭେମ୍ବର ୪ରୁ ଖୋଲିଲା କୁଲଡ଼ିହା ଅଭୟାରଣ୍ୟ। ଆସନ୍ତା ଦିନରେ କେବଳ ଦିନ ସମୟରେ ପର୍ଯ୍ୟଟକ ବୁଲିବେ ଓ ରିସିଆ ପ୍ରକୃତି ନିବାସରେ ରାତ୍ରୀ ଜାପନ ବନ୍ଦ ରହିବ ବୋଲି କୁଲଡିହା ରେଞ୍ଜର ମନରଞ୍ଜନ ନାୟକ ପ୍ରକାଶ କରିଛନ୍ତି।

## ୧୯ ବର୍ଷରୁ କମ୍ ବିଶ୍ୱ ମୁଷ୍ଟିଯୁଦ୍ଧ : ଫାଇନାଲ୍‌ରେ ଆଦିତ୍ୟ



ବୁଦଭା, ୨୭/୧୦ : ଭାରତୀୟ ମୁଷ୍ଟିଯୋଦ୍ଧା ଆଦିତ୍ୟ ଚଳିତ ୧୯ ବର୍ଷରୁ କମ୍ ବିଶ୍ୱ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପୁରୁଷ ୫୫ କେଜି ସେମିଫାଇନାଲ୍‌ରେ ୧୯ ବର୍ଷରୁ କମ୍ ଏସୀୟ ରୌପ୍ୟ ବିଜେତା ଆଦିତ୍ୟ ୫-୦ରେ ଆଜରବୈଜାନର ନିହାତ ଗାସିମୋଭଙ୍କୁ ହରାଇ ଦ୍ୱିତୀୟ ଭାରତୀୟ ଭାବେ ସର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଫାଇନାଲ୍‌ରେ ସେ ରୁଷିଆର ଇସ୍ଲାମ ମାଗୋମେଦଭଙ୍କୁ ଭେଟିବେ। ଆଦିତ୍ୟଙ୍କ ପୂର୍ବରୁ ମେଘା ସିଓକାନ୍ଦ ମହିଳା ୮୦ କେଜିର ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେମିଫାଇନାଲ୍‌ରେ ସେ ଆର୍‌ଏସ୍‌ସିରେ କିର୍ଗିଜସ୍ତାନର ମୀରିମ ଜିନିବେକୋଭାଙ୍କୁ ପରାସ୍ତ କରିଥିଲେ। ତେବେ ମହିଳା ୬୫ କେଜି ସେମିଫାଇନାଲ୍‌ରେ ହର୍ଷିକା ଏବଂ ୮୦ କେଜିରେ ପ୍ରାଚୀ ତୋକାସ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି।

## ଆଇପିଏଲ୍ ନିଲାମ ଡିସେମ୍ବର ୧୬ରେ



ନୂଆଦିଲ୍ଲୀ, ୨୭/୧୦ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୭ ସଂସ୍କରଣ ପାଇଁ ମିନି ନିଲାମ ଡିସେମ୍ବର ୧୬ରେ ଆୟୋଜନ ହେବ। ଗୋଆର ପଞ୍ଜତାରକା ହୋଟେଲ ଆଇଟିସି ଗ୍ରାଣ୍ଡରେ ଏହି ନିଲାମ ଅନୁଷ୍ଠିତ ହେବ। ୨୦୨୨ ପରେ ପ୍ରଥମଥର ଲାଗି ଆଇପିଏଲ୍ ଖେଳାଳି ନିଲାମୀ ଭାରତ ମାଟିରେ ହେବ। ୨୦୨୩ରେ ୟୁଏଇର ଦୁବାଇ, ୨୦୨୪ରେ ସାଉଦି ଆରବର ଜେଦା ଓ ୨୦୨୫ରେ ୟୁଏଇର ଆବୁଧାବିରେ ଆଇପିଏଲ୍ ନିଲାମ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଏହା ଭାରତକୁ ଫେରିଛି। ଡିସେମ୍ବରରେ ହେବାକୁ ଥିବା ଏହି ନିଲାମ ଏକ ଛୋଟ ଧରଣର ହେବ। ୨୦୨୪ରେ ଜେଦାରେ ମେଗା ନିଲାମ ହୋଇଥିଲା। ଡିସେମ୍ବରର ନିଲାମ ପାଇଁ ସମସ୍ତ ଫ୍ରାଞ୍ଚାଇଜିଙ୍କୁ ନଭେମ୍ବର ୧୫ ସୁଦ୍ଧା ରଖିଥିବା ଓ ଛାଡ଼ିଥିବା ଖେଳାଳିଙ୍କ ତାଲିକା ଦେବାକୁ ପଡ଼ିବ।

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ 'ଏ' ଟେଷ୍ଟ୍ ଅମୀମାଂସିତ



ଲିନ୍‌କନ୍, ୨୭/୧୦ : ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ପ୍ରଥମ ଅନୌପଚାରିକ ଟେଷ୍ଟ୍‌କୁ ଭାରତ 'ଏ' ଜିତିବା ଆଶାରେ ଥିଲା। ହେଲେ ଏହି ୪ଦିନିଆ ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନ ଖରାପ ଆଲୋକ ଯୋଗୁଁ ଦୃଢ଼ ସ୍ଥିତିରେ ଥିବା ଭାରତର ବିଜୟ ହାତଛଡ଼ା ହୋଇଛି। ୩୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଘରୋଇ ଦଳ ୧୮୭/୯ କରିଥିଲା। ଫଳରେ ବିଜୟ ଲାଗି ଭାରତକୁ ୧ ୱିକେଟ୍ ଏବଂ ନ୍ୟୁଜିଲାଣ୍ଡକୁ ୧୨୬ ରନ୍‌ର ଆବଶ୍ୟକ ଥିଲା। କର୍ଟିସ ହିଫି ୯୦ ଓ ଜୟଦେନ ଲେନକ୍ସ ୬ ରନ୍ କରି ବ୍ୟାଟିଂ କରୁଥିଲା ବେଳେ ଖରାପ ଆଲୋକ ଯୋଗୁଁ ଅମ୍ପାୟାର ଷ୍ଟମ୍ପ୍ସ ଘୋଷଣା କରିଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତ ପକ୍ଷରୁ ଆକ୍ୱିବ ନବି ୩, ଦେବଦତ୍ତ ପଡ଼ିକଲ ୨, ଅଂଶୁଲ କମ୍ବୋଜ, ଆକାଶ ଦୀପ, ମୁକେଶ ଚୌଧୁରୀ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ମଙ୍ଗଳବାର ୪୮୮/୮ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେ ୨୮ ରନ୍ ଯୋଡ଼ି ୫୧୬ ରନ୍‌ରେ ଅଲ୍‌ଆଉଟ୍ ହୋଇ ନ୍ୟୁଜିଲାଣ୍ଡ ସମ୍ମୁଖରେ ଆହ୍ୱାନପୂର୍ଣ୍ଣ ବିଜୟ ଲକ୍ଷ୍ୟ ରଖିଥିଲା। ପୂର୍ବରୁ ଭାରତ ପ୍ରଥମ ପାଳିରେ ୧୧୩ ରନ୍ କରିଥିଲା ବେଳେ ନ୍ୟୁଜିଲାଣ୍ଡ ୩୧୭ ରନ୍ କରି ୨୦୪ ରନ୍‌ର ଅଗ୍ରଣୀ ନେଇଥିଲା। ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ଖ୍ରୀଷ୍ଟଚର୍ଚ୍ଚରେ ଚଳିତ ମାସ ୩୧ରୁ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର୍:** ଭାରତ 'ଏ' ପ୍ରଥମ ପାଳି ୧୧୩। ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପାଳି ୩୧୭। ଭାରତ 'ଏ' ଦ୍ୱିତୀୟ ପାଳି ୧୨୩.୧ ଓଭରରେ ୫୧୬ (ଦେବଦତ୍ତ ପଡ଼ିକଲ ୧୯୯, ସାଇ ସୁଦର୍ଶନ ୯୧, ୟଶ୍ ରାଠୋଡ଼ ୬୬, ୱାଶିଂଟନ୍ ସୁନ୍ଦର ୫୨, ଜ୍ୟାକ୍ ଗିବ୍‌ସନ୍ ୩/୮୦, କ୍ରିଷ୍ଟିଆନ୍ କ୍ଲାର୍କ ୨/୯୯, ଜୟଦେନ ଲେନକ୍ସ ୨/୧୧୯)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳି ୬୫ ଓଭରରେ ୧୮୭/୯ (କର୍ଟିସ ହିଫି ୯୦ଅ, ଡିନ୍ ଫକ୍ସକ୍ରଫ୍ଟ ୪୨, ଆକ୍‌ବିବ ନବି ୩/୨୮, ଦେବଦତ୍ତ ପଡ଼ିକଲ ୨/୧୧)।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ: ସାଧୁତାର ଶପଥ ଗ୍ରହଣ



ବାଲିଗୁଡା, ୨୭/୧୦(ବିଭୂତି ଲହରିଆ) : କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଉପଲକ୍ଷେ ଏକ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଶାସନ ବ୍ୟବସ୍ଥା ଗଠନ ତଥା ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତି ନିର୍ମୂଳ କରିବା ଉଦ୍ଦେଶ୍ୟରେ ଚଳିତ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୦୧ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷ ଏଥିପାଇଁ 'ସାଧୁତାରୁ ସମୃଦ୍ଧି' ବାର୍ତ୍ତା ସ୍ଥିର କରାଯାଇଛି।

ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭକ୍ତ ବନ୍ଧୁ ଜନାର୍ଦ୍ଦନ ଦଳାଇ, ଡିଏସପି, ଦୁର୍ନୀତି ନିବାରଣ, ଫୁଲବାଣୀ ଶାଖା ହେମନ୍ତ କୁମାର ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଉପସ୍ଥିତ ରହିଥିଲେ। ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ଷେତ୍ରରେ ସାଧୁତା, ସଚ୍ଚୋଟତା ଓ ନିଷ୍ଠା ବଜାୟ ରଖିବା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ଏହି ସପ୍ତାହବ୍ୟାପୀ ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ, ପଞ୍ଚାୟତ ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ସହ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆସନ୍ତା ଅକ୍ଟୋବର ୩୧ ତାରିଖରେ ପଞ୍ଚାୟତ ଭବନ ପରିସରରେ ପାଳନ କରାଯିବ। ଏହି ଅବସରରେ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପଞ୍ଚାୟତ ଭବନ ପର୍ଯ୍ୟନ୍ତ ଯିବ। ଏକ ସୁସ୍ଥ ଓ ନିର୍ମଳ ସମାଜ 